## ବିଶ୍ୱ ବାଳଶ୍ରମ ନିଷେଧ ଦିବସରେ ସଚେତନତା ରଥ ଉଦ୍‌ଘାଟିତ

# ଶିଶୁ ଶ୍ରମିକଙ୍କୁ କାମରେ ଲଗାଇବା ଦଣ୍ଡନୀୟ ଅପରାଧ




**ବାରିପଦା, ୧୮ ।୬(ସମିସ):** ବିଶ୍ୱ ବାଳ ଶ୍ରମ ନିଷେଧ ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସଚେତନତା ରଥ ଉଦଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ସବୁଜ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ବାରିପଦା ସହର ପରିକ୍ରମା କରିଥିଲା। ଉକ୍ତ ଶୋଭଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଯୋଗଦେଇଥିଲେ। ଜିଲ୍ଲା ତଥା ରାଜ୍ୟରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଏବଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜିଲ୍ଲାସ୍ତରରେ ସଚେତନତା ପଦକ୍ଷେପ ପାଇଁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାର କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲାରେ ସର୍ବନିମ୍ନ ଶିଶୁ ଶ୍ରମିକ ସଂଖ୍ୟା ଏବଂ ଆଗକୁ ଏହି ସଂଖ୍ୟାକୁ ଶୂନ୍ୟ କରାଯିବା ସହିତ ଶିଶୁଙ୍କ ମାନସିକ ଏବଂ ଶାରୀରିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ରଥ ମାଧ୍ୟମରେ ସମସ୍ତ ନାଗରିକଙ୍କୁ ସଚେତନ କରାଇବା ଏବଂ ଘୃଣ୍ୟ ଓ କୁପ୍ରଥାକୁ ବିମୋଚନ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ କହିଥିଲେ ଯେ ୧୪ ବର୍ଷରୁ କାମ ବୟସର ପିଲାଙ୍କୁ କୌଣସି ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରାଇବା ଏକ ଦଣ୍ଡନୀୟ ଅପରାଧ। ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ଅଧିନିୟମ, ୧୯୮୬ ଅନୁସାରେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଘୋଷଣା କରିଛନ୍ତି। ତେଣୁ ଏହି ନିୟମକୁ ମାନି ଏକ ସୁସ୍ଥ ଭବିଷ୍ୟତ ପାଇଁ ଶିଶୁ ଶ୍ରମିକ ପ୍ରଥାକୁ ରୋକାଯିବା ନିମନ୍ତେ ଏହି ପଦକ୍ଷେପ ଆରମ୍ଭ ହୋଇଛି। ଏକ ମାସ ଧରି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲିବ। ଏଣୁ ସମସ୍ତ ନାଗରିକଙ୍କୁ ଅନୁରୋଧ ଏହି ପ୍ରକ୍ରିୟାରେ ସାମିଲ ହେବାକୁ ନିବେଦନ କରିଥିଲେ। ୧୪ରୁ ୧୮ବର୍ଷ ପର୍ଯ୍ୟନ୍ତ କୌଣସି କିଶୋରକୁ ବିପଦ ସଂକୁଳ କାର୍ଯ୍ୟରେ ଲଗାଇଲେ ମଧ୍ୟ ଜୋରିମାନାର ବ୍ୟବସ୍ଥା ଥିବା ନେଇ ସେ ସୂଚନା ଦେଇଥିଲେ। ଶିଶୁ ଶ୍ରମିକଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହାର ଅବମାନନା କଲେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଅଧିକାରୀ ଅବିନାଶ ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠି, ନିରଞ୍ଜନ ନାୟକ, ଜିଲ୍ଲା ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ପାନାମଣି ସୋରେନ୍, ବାରିପଦା ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା, ରାଇରଙ୍ଗପୁର ସହକାରୀ ଶ୍ରମ ଅଧିକାରୀ ମନିକା ମିଶ୍ର, ରାସଗୋବିନ୍ଦପୁର ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାଝୀ, ଜାମଦା ସହକାରୀ ଶ୍ରମ ଅଧିକାରୀ ସୁବାଷ ସୋରେନ୍, ତିରିଂ ସହକାରୀ ଶ୍ରମ ଅଧିକାରୀ ଦୀପକ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ପ୍ରସ୍ତୁତି ବୈଠକ

# ରଥଟଣା, ଦର୍ଶନ, ନୀତିକାନ୍ତି ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ



**ବାରିପଦା, ୧୮ ।୬(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ ଚଳିତ ବର୍ଷ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରାକ-ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ଆଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା ପ୍ରମୁଖ ବିଶେଷ ଅତିଥି ବୃନ୍ଦ ଭାବେ ଯୋଗଦାନ କରିଥିଲେ। ବାରିପଦା ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ ବୈଠକ ପରିଚାଳନା କରିଥିବା ବେଳେ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁ ମନ୍ଦିରର ସମସ୍ତ ସେବାୟତଗଣ, ପରିଛା ସେବକ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ, ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହର୍ଷୋଲ୍ଲାସରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡ଼ପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବା ନେଇ ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସଭା ଆରମ୍ଭ ହୋଇଥିଲା। ଏଥିସହିତ ଉପଜିଲ୍ଲାପାଳ ଶ୍ରୀ ନାଏକ ଆସନ୍ତା ୬ତାରିଖରୁ ଆରମ୍ଭ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବାବଦରେ ପ୍ରଶାସନିକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ବୈଠକରେ କେଉଁ ବିଭାଗ କେଉଁ କାର୍ଯ୍ୟ କରିବେ ଏବଂ ରଥ ଯାତ୍ରା ସମୟରେ ସମସ୍ତ ଦାୟିତ୍ୱକୁ ନିଖୁଣ ଭାବରେ ଜନସାଧାରଣଙ୍କ ଅବଗତି ଓ ସୁବିଧା ନିମନ୍ତେ କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଆବଣ୍ଟନ କରାଯାଇଥିଲା। ସୂଚନା କେନ୍ଦ୍ର ବ୍ୟବସ୍ଥା, ପାନୀୟଜଳ, ଶାନ୍ତିଶୃଙ୍ଖଳା ବଜାୟ ରଖିବା, ବଡଦାଣ୍ଡ ମରାମତି, ରାସ୍ତା, ବିଦ୍ୟୁତ୍‌କରଣ, ସ୍ୱାସ୍ଥ୍ୟ, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ, ଯାନବାହାନ ରକ୍ଷଣାବେକ୍ଷଣ, ଅସ୍ଥାୟୀ ଦୋକାନ, ରଥଯାତ୍ରା ଧାରାବିବରଣୀ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ବୈଠକରେ ରଥଟଣା, ଦର୍ଶନ, ନୀତିକାନ୍ତି ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଥିଲା। ସୂଚନା ଥାଉକି, ପ୍ରତିବର୍ଷ ଠାରୁ ଚଳିତ ବର୍ଷ ଅଧିକ ଜନଆଦରିକୃତ ରଥଯାତ୍ରା ପାଇଁ ପ୍ରଶାସନ ଚେଷ୍ଟିତ ଏବଂ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏହି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ସମସ୍ତ ଲାଇନ ବିଭାଗରେ ଥିବା ସରକାରୀ ଅଧିକାରୀ ଏବଂ ମନ୍ଦିର ପ୍ରଶାସନର ସମସ୍ତ କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନର ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନିର୍ବାଚନ ପାଇଁ ଏଥର ପ୍ରସ୍ତୁତି ବୈଠକ ବିଳମ୍ବିତ ହୋଇଥିବା ବେଳେ ଛୁଟିରେ ଥିବାରୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଏସପି ଏସ ସୁଶ୍ରୀ ବୈଠକରେ ଅନୁପସ୍ଥିତ ଥିଲେ।

**ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ**

## ବିପର୍ଯ୍ୟୟ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍

# ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ




**ଆଜିଠାରୁ ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ୍**

**ବାରିପଦା, ୧୮ ।୬(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିପର୍ଯ୍ୟୟ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ଏକ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ପରିଚାଳନା କରିଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ଅଗ୍ନିଶମ ଏବଂ ଓଡ୍ରାଫ ଅଧିକାରୀ ଉପସ୍ଥିତ ରହି ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପରି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଡେପୁଟି ଜେନେରାଲ୍ ମ୍ୟାନେଜର ସୁନୀଲ କୁମାର ସାହୁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଜିଲ୍ଲାରେ ଥିବା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ପରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବର୍ଷାଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଜନିତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲାରେ ଚବିଶ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା, ଆଶ୍ରୟସ୍ଥଳୀଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇ ପ୍ରସ୍ତୁତ ରଖିବା, ଗମନା ଗମନା ପାଇଁ ବିକଳ୍ପ ରାସ୍ତା ଚୟନ, ପର୍ଯ୍ୟାପ୍ତ ପରିମାଣ ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଆବଶ୍ୟକ ସଂଖ୍ୟକ ଡାକ୍ତରୀ ଟିମ ସହିତ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବା, ଆବଶ୍ୟକ ଉପକରଣ ସହିତ ଓଡ୍ରାଫ୍ଟ ଟିମକୁ ସଜାଗ ରଖିବା ଇତ୍ୟାଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବିଭାଗ ଗୁଡ଼ିକ ପ୍ରସ୍ତୁତି ନେଇ ତଥ୍ୟ ଉପସ୍ଥାପନା ଜରିଆରେ ବିଭାଗୀୟ ଟେବୁଲ ଟପ ଏକ୍ସରସାଇଜ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସେକ୍ସନର ନୀତି ନିୟମ ଏବଂ ବିପର୍ଯ୍ୟୟ ସମୟରେ ଏହାର ସଠିକ କାର୍ଯ୍ୟକାରିତା ଉପରେ ଯତ୍ନବାନ ହେବାପାଇଁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର କାର୍ଯ୍ୟକ୍ରମର ନେତୃତ୍ୱ ନେଇ, ନୋଡାଲ ଅଫିସରମାନେ ତତ୍ପରତାର ସହିତ କାର୍ଯ୍ୟ କରିବେ ବୋଲି ଅଧିକାରୀମାନେ କହିଥିଲେ। ମକ୍ ଡ୍ରିଲ୍ ଏବଂ ଟେବୁଲ୍ ଟପ୍ ପ୍ରୟୋଗ ପାଇଁ ସମସ୍ତଙ୍କ ସହଯୋଗ ତଥା ଜନ ପ୍ରତିନିଧି, ସିଭିଲ ସୋସାଇଟି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକୁ ମୁଖ୍ୟତଃ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଅଧିକାରୀଗଣ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ବୁଧବାରଠାରୁ ଜିଲ୍ଲାର ସମସ୍ତ ବ୍ଲକସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ତଥା ମକ୍‌ଡ୍ରିଲ ଆୟୋଜିତ ହେବ।

# ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବୈଠକ; 'ସାଲଗାଓ୍ୱ' ଉନ୍ମୋଚିତ



**ବାରିପଦା, ୧୮ ।୬(ସମିସ):** ବାରିପଦା ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଏକ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଜିଲ୍ଲା ଆବାହକ ବିରବଲ ସିଂଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ କମିଟିର ବିଗତ ଦିନର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ ଏବଂ ତାହାର ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ୩୦ଟି ଗ୍ରାମରେ ରବିବାରିଆ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରାଯାଉଛି। ଗତ ୨ତାରିଖରେ ଛାତ୍ରଛାତ୍ରୀଙ୍କୁ ନେଇ ମୁଣ୍ଡାରୀ ଭାଷା ସାକ୍ଷରତା ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ମୁଣ୍ଡାରୀ ଭାଷାରେ ପ୍ରକାଶ ପାଉଥିବା ତ୍ରୈମାସିକ ପତ୍ରିକା ସାଲଗାଓ୍ୱର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଇଛି। ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଜିଲ୍ଲା ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ପର୍ଯ୍ୟବେକ୍ଷକ ଶଶିଧର ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ପର୍ଯ୍ୟବେକ୍ଷକ ଅଜିତ କୁମାର ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ ନାଗ, ଶ୍ୟାମାଖୁଣ୍ଟା ୪୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ ଓ ରାଙ୍ଗାମାଟିଆ ଗ୍ରାମପଞ୍ଚାୟତ ସରପଞ୍ଚ ରୋହିଦାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




## ବାରିପଦା ସହରରେ ପୁଣି ଛିନ୍‌ତାଇ

# ମହିଳା ଏଏସ୍‌ଆଇଙ୍କ ବେକରୁ ହାର ଲୁଟିନେଲେ ଦୁର୍ବୃତ୍ତ

**ବାରିପଦା, ୧୮ ।୬(ସମିସ):** ବାରିପଦା ସହରରେ ଦିନକୁ ଦିନ ଛିନତାଇ ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଆଜି ଜଣେ ମହିଳା ଏଏସଆଇଙ୍କ ବେକରୁ ସୁନାହାର ଲୁଟିନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ମହିଳା ଏଏସଆଇ ଜଣକ ହେଲେ ବାରିପଦା ସଦର ଥାନାର ଏଏସଆଇ ବାସନ୍ତୀ ସିଂ (୪୬)। ଏନେଇ ସେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ତାଙ୍କ ବାରିପଦା ସଦର ଥାନାରେ ରାତି ଡିଉଟି କରିବା ପାଇଁ ସରକାରୀ କ୍ୱାଟରରୁ ଥାନାକୁ ଯାଉଥିଲେ। ଉକ୍ତ ସମୟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ରାତି ପ୍ରାୟ ୧୦.୩୦ ସମୟରେ ଦାରୋଗାଡାହି ଗୋଳେଇ ନିକଟରେ ରାସ୍ତାରେ ତାଙ୍କୁ ଏକୁଟିଆ ପାଇ ଦୁର୍ବୃତ୍ତମାନେ ବାଇକରେ ଆସି ମହିଳାଙ୍କ ବେକରୁ ସୁନାହାରଟି ଛିଣ୍ଡାଇ ନେଇ ଚମ୍ପଟ୍ ମାରିଥିଲେ। ଦ୍ରୁତବେଗରେ ଜାତୀୟ ରାଜପଥ ୧୮ଦେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ବାରିପଦା ସହରରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ଢିଲା ହେବା ଦ୍ୱାରା ଦୁର୍ବୃତ୍ତମାନେ ଏହିପରି କାଣ୍ଡ ବାରମ୍ବାର ଭିଆଉଛନ୍ତି। ତେଣୁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଦାବି ହେଉଛି।




# ନିଃଶୁଳ୍କ ଯୋଗାଭ୍ୟାସ ଶିବିର ଉଦ୍‌ଘାଟିତ



**ବାରିପଦା, ୧୮ ।୬(ସମିସ):** ଷ୍ଟେସନ ବଜାର ସ୍ଥିତ ଆଥଲେଟିକ୍ ଖେଳ ପଡ଼ିଆରେ ପାଞ୍ଚ ଦିନିଆ ନିଃଶୁଳ୍କ ଯୋଗାଭ୍ୟାସ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଦେବେନ୍ଦ୍ରପୁର ସ୍ଥିତ ପ୍ରେମକାଳ ଯୋଗ ମନ୍ଦିର ଆନୁକୂଲ୍ୟରେ ଶିବିର ଆୟୋଜନ କରାଯାଇଛି। ଏହି ଶିବିର ଆଗାମୀ ୨୧ ତାରିଖ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସରେ ଉଦ୍‌ଯାପିତ ହେବ। ଶିବିରରେ ପ୍ରତ୍ୟେକ ଦିନ ପ୍ରାତଃ ସାଢେ ୩ଟାରୁ ଘଣ୍ଟାଏ ପାଇଁ ସୃଷ୍ଟି ଅଭ୍ୟାସ, ଜଳ ଅଭ୍ୟାସ, ସୂର୍ଯ୍ୟ ନମସ୍କାର ଶବାସନ, ପ୍ରାଣାୟମ ସହିତ ବିଭିନ୍ନ ଯୋଗ ମାଧ୍ୟମରେ ଆସନର ଶିକ୍ଷା ଦିଆଯାଇଛି। ଯୋଗ ଶିକ୍ଷକ ରାକେଶ ମହାନ୍ତ ଦ୍ୱାରା ଯୋଗ ଶିକ୍ଷା ଦିଆଯାଉଛି। ବାରିପଦା ଚିନ୍ମୟ ମିଶନର ସମ୍ପାଦକ ଅଜିତ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯୋଗାଭ୍ୟସ ଶିବିରର ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କେନ୍ଦ୍ର ଗୋଇନ୍ଦା ବ୍ୟୁରୋର ଅଧୀକ୍ଷକ ଦୁର୍ଗାପ୍ରସାଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସିଆରପିଏଫ ଅଧିକାରୀ ରାଖାଲ ବେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୋଗ ଏକ ପ୍ରାଚୀନ କଳା; ଯାହା ମନ ଓ ଶରୀରକୁ ସଂଯୋଗ କରିବା ସହିତ ବ୍ୟାୟାମ ଶରୀରର ଉପାଦାନ ଗୁଡ଼ିକୁ ସନ୍ତୁଳିତ କରି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ବୋଲି ଅତିଥିମାନେ କହିଥିଲେ। ଶେଷରେ ସାମ୍ବାଦିକ ସଞ୍ଜୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



### ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋ ଭୋଲଟେଜରେ ଲୋକେ ଅତିଷ୍ଠ

# ଅଭିଯୋଗ କଲେ ବି ଶୁଣୁନାହାନ୍ତି ଅଧିକାରୀ

ବଡସାହି, ୧୮ ।୬(ସମିସ)



ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ଏବେ ଟାଟା କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଏହି କମ୍ପାନୀ ରାଜ୍ୟବାସୀଙ୍କୁ ଉନ୍ନତ ଓ ଆଧୁନିକ ସେବା ଯୋଗାଇଦେବା ନେଇ ପ୍ରଚାର ପ୍ରସାର ଚଳାଇଛି। ମାତ୍ର କମ୍ପାନୀ ନିଜ ସ୍ୱାର୍ଥ ପାଇଁ ଆଧୁନିକ ଢଙ୍ଗରେ କିପରି ଅଧିକରୁ ଅଧିକ ବିଲ ଆଦାୟ ହେବ ସେଥିପ୍ରତି ଧ୍ୟାନ ଦେଉଛି। ମାଣତ୍ରୀ ଓ ପୁରୁଣା ବାରିପଦା ଫିଡର ଅଧୀନରେ ୧୪ ହଜାର ଉପଭୋକ୍ତା ରହିଛନ୍ତି। ମାଣତ୍ରୀକୁ ୩୩/୧୧ କେଭି ଲାଇନ ବେତନଟୀରୁ ଆସୁଥିବା ବେଳେ ପୁରୁଣା ବାରିପଦାକୁ ଏହି ଲାଇନ ବଡସାହିରୁ ଯାଉଛି। ମାତ୍ର ପୁରୁଣା ବାରିପଦା ଫିଡରଟି ମାଣତ୍ରୀ ଅଧୀନରେ ରହିଛି। ଏଥିପାଇଁ ୧୧ ଜଣ ନିୟମିତ କର୍ମଚାରୀ ରହିଛନ୍ତି। ସେହିପରି ଆକାଂକ୍ଷା ପାୱାର ଅଧୀନରେ ୪୨ ଜଣ ଫିଲ୍ଡ ଓ ବୈଷୟିକ କର୍ମଚାରୀ, ୨ଜଣ ଗ୍ରାହକ ସେବା କେନ୍ଦ୍ର ପରିଚାଳନା ସହିତ ସେମାନଙ୍କୁ ଗାଇଡ କରିବା ପାଇଁ ଜଣେ ସୁପରଭାଇଜର ସମେତ ୪୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏସବୁ ସତ୍ତ୍ୱେ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍‌କାଟ, ଲୋ- ଭୋଲଟେଜ ଏବଂ ଡ୍ରପଆଉଟ ଉଡିବା ଆଦି ସମସ୍ୟାରେ ଲୋକେ ଆଉଟପାଉଟ ହେଉଛନ୍ତି। ପ୍ରଚଣ୍ଡ ଗୁଳୁଗୁଳି ଓ ରୌଦ୍ରତାପରେ ବିଦ୍ୟୁତ୍ କାଟ୍ ସାଙ୍ଗକୁ ଟ୍ରାନ୍ସଫର୍ମର ପୋଡ଼ିବା, ପୁରୁଣା ବିଦ୍ୟୁତ୍ ତାର ଓ ଖୁଣ୍ଟର ରକ୍ଷଣାବେକ୍ଷଣ ନ କରିବା, ଲୋ ଭୋଲଟେଜ ଓ ଡିମ୍ ସମସ୍ୟା ସହିତ ବାରମ୍ବାର ଡ୍ରପ୍ ଆଉଟ ଉଡିବା ବିଭାଗର ଅପାରଗତା ପରିଚୟ ଦେଉଛି। ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ମାଣତ୍ରୀ ସେକ୍ସନରେ ଯେଉଁ ଗ୍ରାହକ ସେବା ନମ୍ବର ଉପଲବ୍ଧ ହୋଇଛି, ତାହା ଅଧିକାଂଶ ସମୟରେ ବ୍ୟସ୍ତ ରହୁଛି। ଏପରିକି କର୍ମଚାରୀମାନେ ଫୋନ ଉଠାଉନାହାନ୍ତି। ଏ ସମ୍ପର୍କରେ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଗ୍ରାହକ ସେବା ନମ୍ବର ରଖୁଥିବା ବୈଷୟିକ କର୍ମଚାରୀଙ୍କ ସହିତ କନଫରେନ୍ସିଂରେ କଥା କରାଇଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ହେଉନାହିଁ। ଏହି ପ୍ରଶ୍ନକୁ ସେ ଏଡାଇ ଯାଇଥିଲେ। ପ୍ରବଳ ଗରମ ସାଂଗକୁ ବିଦ୍ୟୁତ୍‌କାଟରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସ ଫଳ ମିଳୁନାହିଁ। ବଡସାହି ଓ ମାଣତ୍ରୀ ସେକ୍ସନରୁ ଆସିଥିବା ଏହି ଲାଇନ୍ ସାମାନ୍ୟ ପବନ ହେଲେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ପାନୀୟ ଜଳ, ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇଯାଉଛି। ଏପରିକି ଟେଲିଫୋନ ଓ ବ୍ରଡବ୍ୟାଣ୍ଡ ସେବା ଏକ ପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ଡାକ୍ତରଖାନାରେ ରହୁଥିବା ମୂଲ୍ୟବାନ ରୋଗ ପ୍ରତିରୋଧକ ଟିକା, ଇନ୍‌ଜେକ୍ସନ୍‌ର ଗୁଣବତ୍ତା ହ୍ରାସ ପାଇବା ସାଙ୍ଗକୁ ରୋଗୀମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି। ରୌଦ୍ରତାପ ସହି ନ ପାରି ରୋଗୀମାନେ ଗଛ ମୂଳରେ ଆଶ୍ରୟ ନେଉଥିବା ମଧ୍ୟ ଦେଖାଯାଉଛି।

# କୁଡୁମୀ ଜାତିକୁ ଏସ୍‌ଟି ମାନ୍ୟତା ଦାବିରେ ସ୍ମାରକପତ୍ର



ରାଇରଙ୍ଗପୁର, ୧୮ ।୬(ସମିସ): ଓଡ଼ିଶା କୁଡୁମୀ ସେନା ପକ୍ଷରୁ କୁଡୁମୀ ଜାତିକୁ ଏସଟି ମାନ୍ୟତା ଦାବିରେ କୁଡୁମୀ ସମ୍ପ୍ରଦାୟର ଲୋକେ ଉପଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କୁଡୁମୀ ଜାତିରେ କୁଲୁମୀ, କୁଡୁମୀ, ମାହତୋ, ମହାନ୍ତ ଓ କୁର୍ମୀ ସାଙ୍ଗିଆ ରହିଛନ୍ତି। କୁଡୁମୀ ଜାତିର ଲୋକେ ୧ କୋଟିରୁ ଅଧିକ ଭାରତରେ ଥିବା ବେଳେ ପ୍ରାୟ ୨୦ ଲକ୍ଷ ଉତ୍ତର ଓଡ଼ିଶାରେ ରହିଛନ୍ତି। ସେମାନେ ଆଦିମ ଜନଜାତି ଭଳି ବଣଜଙ୍ଗଲରେ ବସବାସ କରୁଥିଲେ। ସାନ୍ତାଳ, ହୋ, ଓରାଙ୍ଗ, ଭୂମିଜ ଇତ୍ୟାଦି ସେମାନଙ୍କ ପଡୋଶୀ ଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ମାହାତୋମାନେ ଛୋଟନାଗପୁର, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡଖଣ୍ଡ ରାଜ୍ୟରେ ବାସ କରୁଥିଲେ। ତେଣୁ ସେମାନଙ୍କୁ ଆଦିବାସୀ ଜନଜାତିରେ ସାମିଲ କରାଯାଉ ବୋଲି ଦାବି କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ସମ୍ପ୍ରଦାୟରେ ଜାତିଗତ ବୈଷମ୍ୟ ଦେଖାଯାଇଛି। ସେମାନଙ୍କ ଭାଷା କୁଡୁମାଲି ରହିଥିବାବେଳେ ମୁଖ୍ୟ ପ୍ରସଙ୍ଗ ଆଦିବାସୀ ଏସଟି ମାନ୍ୟତା ରହିଛି। କୁଡୁମୀ ସେନା ଉପଦେଷ୍ଟା ସୁବାସ ଚନ୍ଦ୍ର ମହାନ୍ତ, ସଭ୍ୟସଭ୍ୟା ରାଜାରାମ ମହାନ୍ତ, ସୁରେଶ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, କୃଷ୍ଣ ମହାନ୍ତ, ଦେବାଶିଷ ମହାନ୍ତ, ଗୁରୁପ୍ରସାଦ ମହାନ୍ତ, ଦଶରଥ ମହାନ୍ତ, ବରୁଣ କୁମାର ମହାନ୍ତ, ସୁସେନ ମହାନ୍ତ, ସୁକୁମାରୀ ମହାନ୍ତ, କମଳିନୀ ମହାନ୍ତ, ସୁମନା ମହାନ୍ତ, ପ୍ରେମଲତା ମହାନ୍ତ, ଗୌରୀ ମହାନ୍ତ, ପ୍ରକାଶ ଚନ୍ଦ୍ର ମହାନ୍ତ, ତୁଳସୀ ମହାନ୍ତ, ଆନନ୍ଦଶଙ୍କର ମହାନ୍ତ, ପପୁ ମହାନ୍ତ ଓ ହରିଶ ଚନ୍ଦ୍ର ମହନ୍ତ ପ୍ରମୁଖ ଦାବିପତ୍ର ବେଳେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଗଣଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଏସ୍‌ପିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସାଇବର ଥାନାରୁ ମିଳୁନି ଆର୍‌ଟିଆଇ ତଥ୍ୟ

ବାରିପଦା, ୧୮ ।୬(ସମିସ): ସାଇବର ଓ ଅର୍ଥନୈତିକ ଅପରାଧ ଥାନାରୁ ସୂଚନା ଅଧିକାର ଆଇନ (ଆରଟିଆଇ) ତଥ୍ୟ ମିଳୁନଥିବା ଅଭିଯୋଗ ହେଉଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷୀକାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାରିପଦା ସାଇବର ଥାନାରୁ ତଥ୍ୟ ମିଳୁ ନ ଥିବା ନେଇ ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମୋବାଇଲ ଛିନତାଇ ଏବଂ ଚୋରି ସମ୍ପର୍କରେ କେତେକ ଆବଶ୍ୟକ ତଥ୍ୟ ଜାଣିବାକୁ ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଚାହିଁଥିଲେ। ଗତ ମାର୍ଚ୍ଚ ୧୫ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷୀକାଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ଏ ବାବଦରେ ସେ ଆରଟିଆଇ ଯୋଗେ ତଥ୍ୟ ପ୍ରଦାନ ପାଇଁ ଆବେଦନ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷୀକାଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ମେମୋ ନମ୍ବର-୨୪/ ତା-୨୦/୦୩/୨୪ ଅନୁଯାୟୀ ତଥ୍ୟ ଦେବାକୁ ବାରିପଦା ଟାଉନ ଥାନା, ବାରିପଦା ସଦର ଥାନା ଏବଂ ବାରିପଦା ସାଇବର ଥାନାର ଜନସୂଚନା ଅଧିକାରୀଙ୍କୁ ଚିଠି କରିଥିଲେ; ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ତଥ୍ୟ ନ ମିଳିବାରୁ ଶ୍ରୀ ମହାନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷୀକାଙ୍କୁ ଏପ୍ରିଲ ୨୪ ତାରିଖରେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲ ପରେ ଚିଠି ନମ୍ବର -୧୫୫୧/ତା୭/୫/୨୪ରିଖ ପ୍ରାପ୍ତି ସ୍ୱୀକାର ତା୯/୫/୨୪ରିଖ ଅନୁଯାୟୀ ବାରିପଦା ଟାଉନ୍ ଥାନା ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ବାରିପଦା ସଦର ଥାନା ଚିଠି ନମ୍ବର ୧୦୪୩/ତା୭/୦୫/୨୪ରିଖ ଅନୁଯାୟୀ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ବାରିପଦା ସାଇବର ଥାନା କୌଣସି ତଥ୍ୟ ପ୍ରଦାନ କରିନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଜିଲ୍ଲା ଆରକ୍ଷୀ ଅଧିକ୍ଷୀକା ତା୨୧/୫/୨୪ରିଖ ଏ ସମ୍ପର୍କରେ ଶୁଣାଣି କରି ୭ଦିନ ଭିତରେ ସଠିକ ତଥ୍ୟ ଦେବାକୁ ୩ଟିଯାକ ଥାନାକୁ ଆଦେଶ ଦେଇଥିଲେ। ମାତ୍ର ଆଦେଶ ଦେବାର ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ହେଁ ଏଯାଏ ସଠିକ ତଥ୍ୟ ମିଳିନାହି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ମୋବାଇଲ ଫେରସ୍ତ ମେଳା ମାଧ୍ୟମରେ କେଉଁ କେଉଁମାନଙ୍କୁ ମୋବାଇଲ୍ ଫେରସ୍ତ କରାଗଲା ଏବଂ ଏଥିସହିତ କେଉଁମାନଙ୍କୁ ଚୋରି ଅଭିଯୋଗରେ ଗିରଫ କରାଗଲା ତାହାର ସଠିକ ତଥ୍ୟ ପ୍ରଦାନ କରିବାକୁ ଆବେଦନ କରିଥିଲେ। ତେଣୁ ଉକ୍ତ ତଥ୍ୟ ପ୍ରଦାନ କରି ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ଅନ୍ୟଥା ଆଇନର ଆଶ୍ରୟ ନେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ପାଣିରେ ବୁଡ଼ି ଶ୍ରମିକଙ୍କ ମୃତ୍ୟୁ

ବେତନଟୀ, ୧୮ ।୬(ସମିସ): ବେତନଟୀ ଉପକଣ୍ଠ ଶୁଖିଲାହାର ବନ୍ଧକୁ ଶୌଚ ହେବାକୁ ଯାଇଥିବା ଜଣେ ଦିନମଜୁରିଆ ପାଣିରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ପ୍ରତାପଚନ୍ଦ୍ର କର(୫୫)। ସୂଚନା ମୁତାବକ ପ୍ରତାପ ବେତନଟୀ ବଜାରରେ ଦୁଇଦଶନ୍ଧିରୁ ଅଧିକ ସମୟ ହେବ ଦିନମଜୁରିଆ ଭାବରେ କାମ କରିଆସୁଥିଲେ। ବିଶେଷକରି ସିମେଣ୍ଟଗାଡିରୁ ସିମେଣ୍ଟ ଅନଲୋଡ କରିବା ଠାରୁ ଲୋଡ କରିବା ପର୍ଯ୍ୟନ୍ତ ସେ ସବୁକାମ କରୁଥିଲେ। ତାଙ୍କ ପୈତୃକଘର ବଡସାହିଥାନା ଅଧୀନ ଗମ୍ଭାରିଆ ଗ୍ରାମରେ ହୋଇଥିବା ବେଳେ ସେ ଦୀର୍ଘବର୍ଷ ହେବ ବେତନଟୀରେ ଏକାକୀ ରହୁଥିଲେ। ମଙ୍ଗଳବାର ସକାଳେ ସେ ଶୁଖିଲାହାର ବନ୍ଧକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ପ୍ରତାପଙ୍କ ମୃତଦେହ ପାଣିରେ ଭାସୁଥିବାର ଦେଖି ସ୍ଥାନୀୟଲୋକେ ପୁଲିସ ଓ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ପରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି।

## ମଦ ଜବତ; ମହିଳା ଗିରଫ

ବାରିପଦା, ୧୮ ।୬(ସମିସ): ଭଞ୍ଜପୁର ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ବେଆଇନ ମଦ ଜବତ କରାଯାଇଛି। ଏଥିସହିତ ଉକ୍ତ କାରବାରରେ ସମ୍ପୃକ୍ତ ଥିବା ଜଣେ ମହିଳକୁ ପୁଲିସ ଗିରଫ କରିଛି। ମହିଳା ଅଭିଯୁକ୍ତ ଜଣକ ହେଲା ଭଞ୍ଜପୁର ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଅଞ୍ଚଳର ଟିକି ଟୁଡୁ (୩୭)। ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ମଦ କାରବାର ନେଇ ଖବର ମିଳିଥିଲା। ଏହାକୁ ନେଇ ପୁଲିସ ପକ୍ଷରୁ ଜନାର୍ଦ୍ଦନପୁର ଅଞ୍ଚଳରୁ ରଘୁନାଥପୁର ଆଡ଼କୁ ଯାଉଥିବା ଟିକି ଟୁଡୁକୁ ଅଟକାଇ ଅଟକାଇଥିଲା। ପରେ ତାଙ୍କ ପାଖରୁ ୮ଲିଟରରୁ ଉଲିଟ ଦେଶୀ ମଦ ଜବତ ହୋଇଛି। ବେଆଇନ ମଦ କାରବାରକୁ ନେଇ ଭଞ୍ଜପୁର ଥାନାରେ ଏକ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ଆଦିବାସୀ ମାନ୍ୟତା ଦାବିରେ କୁଡୁମୀ ସେନାର ଦାବିପତ୍ର



ବାରିପଦା, ୧୮ ।୬(ସମିସ): କୁଡୁମୀ ସେନା ପକ୍ଷରୁ କୁଡୁମୀ ଜାତିକୁ ଆଦିବାସୀବର୍ଗରେ ପୁନଃ ସାମିଲ କରିବା ପାଇଁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଆନ୍ଦୋଳନ ଜାରି ରହିଛି। ତେଣୁ ଏବେ ଏହି ଦାବିକୁ ପୂରଣ କରିବା ପାଇଁ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକରଙ୍କ ଜରିଆରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ବିରେନ୍ଦ୍ର ମହାନ୍ତ, ଘନ ମହାନ୍ତ, କ୍ଷୀରୋଦ ମହାନ୍ତ, ଶିବାଜୀ ମହାନ୍ତ, ବୁଲୁ ମହାନ୍ତ, ନୁକୁ ମହାନ୍ତ, ବାବୁ ମହାନ୍ତ, ଲିଟୁ ମହାନ୍ତ ଓ ମହିଳା ସେନାର ସୁଜାତା ମହାନ୍ତ, ଅଞ୍ଜଳୀ ମହାନ୍ତ, କବିତା ମହାନ୍ତ, ଝୁନି ମହାନ୍ତ ଓ ବୀଣାପାଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କୁଡୁମୀ ସେନା ସଭାପତି ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲ୍ଲା ତଥା ମୟୂରଭଞ୍ଜର ସମସ୍ତ ସବ୍ ଡିଭିଜନରେ ମଧ୍ୟ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଠାକୁରମୁଣ୍ଡା ରଜ ମହୋତ୍ସବ ଉଦ୍‌ଯାପିତ



ମହୁଲଡିହା, ୧୮ ।୬(ସମିସ): ଠାକୁରମୁଣ୍ଡା ବ୍ଲକ ରୁଗୁଡ଼ିବେଡାଠାରେ ୩ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟିର ମହିଳାମାନେ ୧୪ ତାରିଖରେ ବାସୁମତୀ ପୂଜା କରିଥିଲେ। ଗତ ୧୫ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରଜ ସଂକ୍ରାନ୍ତିରେ ଦୋଳି ପୂଜା ଏବଂ ମଞ୍ଚ ପୂଜା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ୧୬ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବସନ୍ତ କୁମାର ପୈଡର୍ତ୍ତି ଯୋଗଦେଇ ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ଗତ ୧୭ତାରିଖରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସମ୍ପାଦକ ବିମଳ ସେନାପତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## କେଶନାରେ ରଜ ମହୋତ୍ସବ ପାଳିତ

ଖୁଣ୍ଟ, ୧୮ ।୬(ସମିସ): ଶୁକ୍ଳି ବ୍ଲକ କେଶନା ଗ୍ରାମର ରଜ ପଡ଼ିଆ ଚାରି ଦିନ ଧରି ଉତ୍ସବମୁଖର ହୋଇଉଠିଥିଲା। ଏହାକୁ ଅଧିକ ଆକର୍ଷଣ କରିବା ପାଇଁ ଗ୍ରାମର ଯୁବକ ଓ ଯୁବତୀ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜନ କରିଥିଲେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିପାଇଁ ଆଖପାଖ ଗ୍ରାମରୁ ଶହ ଶହ ସଂଖ୍ୟାରେ କୁଆଁରୀ ଝିଅ, ଯୁବତୀ ଓ ମହିଳା ଦୋଳି, ପୁଚି, ସଙ୍ଗୀତ, ନୃତ୍ୟ, ମ୍ୟୁଜିକ ଚେୟାର, ମେହେନ୍ଦି, ମୁରୁଜ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରଜ ଶେଷ ଦିନରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଧୁନିକତାର ଛାପରେ କେବଳ ରାଜପର୍ବ ନୁହେଁ, ଅନେକ ଓଡ଼ିଆ ପର୍ବପର୍ବାଣି ଏବେ ସତ୍ତା ହରାଇଲାଣି। ଅତୀତର ପରିବେଶ ଆଜି ଆଉ ନାହିଁ। ଗଛ ଡାଳରେ ଦୋଳି ବାନ୍ଧି ରଜଦୋଳି ଖେଳିବା ପରିବର୍ତ୍ତେ ଆଜି ଆମେ କେବଳ କେବଳ ପରମ୍ପରା ରକ୍ଷା କରି ଅପ୍ରାକୃତିକ ଉପାୟରେ ପ୍ଲାଷ୍ଟିକ ଦୋଳି ବନ୍ଧାଯାଉଛି। ଫଳରେ ଛୋଟ ଛୋଟ ପିଲାମାନେ ଗଛରେ ଦୋଳି ଖେଳିବାର ମଜା ଉଠାଇ ପାରୁନାହାନ୍ତି। ସୁତରାଂ ରଜ ପର୍ବରେ ଭାଗ ନେଉଥିବା ଆମର ଭାଇ ଭଉଣୀ ସଂକଳ୍ପବଦ୍ଧ ହୋଇ ନିଜ ନିଜ ବାଡ଼ି ବଗିଚାରେ ଆଜି ଗଛ ଲଗାନ୍ତୁ।

## କିଷାନ ନିଧି ଯୋଜନାରେ ଚାଷୀଙ୍କୁ କିସ୍ତି ପ୍ରଦାନ

କରଞ୍ଜିଆ, ୧୮ ।୬(ସମିସ): ପ୍ରଧାମନ୍ତ୍ରୀ କିଷାନ ନିଧି ଯୋଜନାରେ ଚାଷୀଙ୍କୁ ୧୭ତମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କାର୍ଯ୍ୟକ୍ରମକୁ ପ୍ରତି ବ୍ଲକରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କରଞ୍ଜିଆ ବ୍ଲକ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୋଷ୍ଠୀ କୃଷି ଅଧିକାରି ଅଭିମନ୍ୟୁ ଅଣ୍ଡିଆଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୃଷିଜିଲ୍ଲା ଅଧିକାରି ରାମଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ପ୍ରାଣୀ ଚିକିତ୍ସାଧିକରୀ ଡାକ୍ତର ପ୍ରଦୀପ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଭଗବାନ୍ ବାରିକ, ସହକାରୀ ଉଦ୍ୟାନ ଅଧିକାରି ଲକ୍ଷ୍ମୀପ୍ରିୟା ନାୟକ ଓ ଏଲଏମର ଦୀପ୍ତି ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷି ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୦ ଜଣ ଚାଷୀ ଭାଗ ନେଇଥିଲେ। ବିଟିଏମ ପ୍ରମୋଦ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରୁକ୍ମଣୀ ବିବାହ ସମ୍ପନ୍ନ; ଆଜି ଗୁଆଲି ଯାତ୍ରା



ବାରିପଦା, ୧୮ ।୬(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ବିଜେଙ୍କ ମନ୍ଦିରରେ ରୁକ୍ମଣୀ ବିବାହ ସମ୍ପନ୍ନ ହୋଇଛି। ଦେବୋତ୍ତର ବିଭାଗ ଅଧିକାରୀଙ୍କ ଉପସ୍ଥିତରେ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ଗୁଆଲି ଯାତ୍ରା ଆୟୋଜିତ ହେବ। ବାରିପଦା ବଡ଼ ଜଗନ୍ନାଥ ମନ୍ଦିର ସମେତ ସାନ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ରୁକ୍ମଣୀ ବିବାହ ହୋଇଛି। ପ୍ରତିବର୍ଷ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୁକ୍ମଣୀ ବିବାହ ନୀତି ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଦଶମୀ ତିଥିରେ ରୁକ୍ମଣୀଙ୍କୁ ହରଣ କରି ଏକାଦଶୀରେ ବିବାହ କରିଥାନ୍ତି ଏବଂ ଦ୍ୱାଦଶୀ ତିଥିରେ ନବଦମ୍ପତି ମଦନ ମୋହନ ଓ ରୁକ୍ମଣୀ ନଗର ଭ୍ରମଣ କରିଥାନ୍ତି। ବୁଧବାର ସନ୍ଧ୍ୟାର ଗୁଆଲି ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ମନ୍ଦିର ପରିସରରେ ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ବିବାହ ମହାସମାରୋହରେ ସମ୍ପନ୍ନ ହୋଇଛି।

# ଘରେ ପଶି ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ବାରିପଦା, ୧୮ ।୬(ସମିସ): ଘରେ ପଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଛାଞ୍ଚ ଅଞ୍ଚଳର ତୁଷାର ଚନ୍ଦ୍ର ମହାପାତ୍ର ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ଘରକୁ ପଡୋଶୀ ୪/୫ଜଣ ଲୋକେ ସଂଘବଦ୍ଧ ଭାବେ ପ୍ରବେଶ କରିଥିଲେ। ପରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରେ ଥିବା ଅନ୍ୟ ଲୋକଙ୍କୁ ମାରଧର କରିଥିଲେ। ଫଳରେ ତାଙ୍କ ପରିବାର ଲୋକ ଆହତ ହୋଇ ପିଆରଏମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଥି ସହିତ ତାଙ୍କ ଘରେ ଥିବା କାରକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଏ ନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଝାରପୋଖରିଆରେ ପରିବା ଦର ଆକାଶଛୁଆଁ

# ୫୦୦ ଟଙ୍କାରେ ପୂରୁନି ବ୍ୟାଗ୍



ଜାମଶୋଳା, ୧୮ ।୬(ସମିସ): ମଙ୍ଗଳବାର ଝାରପୋଖରିଆରେ ସପ୍ତାହିକ ହାଟରେ ପରିବା ଦର ଆକାଶଛୁଆଁ ହୋଇଛି। ଦରଦାମ ନିୟନ୍ତ୍ରଣ ବାହାରେ ରହିଥିବାରୁ ଖାଉଟି ହନ୍ତସନ୍ତ ହେଉଛନ୍ତି। ଅନେକ ସହରରେ ମାଛ, ମାଂସ ଦର ଏନ୍‌ଏସି ପକ୍ଷରୁ ସ୍ଥିର ହୋଇଥିବା ବେଳେ ଝାରପୋଖରିଆରେ ତାହା କରାଯାଇନାହିଁ। ତେଣୁ ଏ ନେଇ ଖାଉଟିମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ହାଟରେ ବିଲାତି କିଲୋ ୧୦୦ଟଙ୍କା ରହିଥିବାବେଳେ ବାଇଗଣ ୬୦ଟଙ୍କା, ସାରୁ ୫୦ ଟଙ୍କା, ସଜନା ଛୁଇଁ ୧୨୦ଟଙ୍କା, ଶାଗ ବିଡା ୨୦ଟଙ୍କା, କଙ୍କଡା ୭୦ଟଙ୍କା, ପୋଟଳ ୫୦ଟଙ୍କା, କାକୁଡି ୭୦ଟଙ୍କା, କୁଟା ଛୋତୁ ୨୬୦ ଟଙ୍କା, ଆଳୁ ୩୦ଟଙ୍କା, ପିଆଜ ୪୦ଟଙ୍କା, ରସୁଣ ୨୦୦, ଅଦା ୧୮୦ଟଙ୍କା କିଲୋ ଏବଂ ଖାସି ମାଂସ ୭୫୦ ଟଙ୍କା ରହିଛି। ସେହିପରି କୁକୁଡ଼ା ମାଂସ ୨୪୦, ଦେଶୀ କୁକୁଡ଼ା ମାଂସ ଗୁଟା ୭୫୦ ଓ ଆନ୍ଧ୍ର ମାଛ ୨୪୦ ଟଙ୍କାରେ ବିକ୍ରି ହେଉଛି। ଦରଦାମ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ଖାଉଟି ବିଭାଗ।

# ଦୁଇମାସ ହେଲା ଭତ୍ତା ନ ପାଇ ହିତାଧିକାରୀ ହନ୍ତସନ୍ତ

ମୋରଡ଼ା, ୧୮ ।୬(ସମିସ)



ମୋରଡ଼ା ବ୍ଲକ ଅନ୍ତର୍ଗତ ଜୁଆଳିଭଙ୍ଗା ଗ୍ରାମପଞ୍ଚାୟତ ଭୈରଙ୍ଗୀଷୋଳ ଏବଂ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଦୁଇମାସ ହେବ ଭତ୍ତା ନ ପାଇ ହନ୍ତସନ୍ତ ହେଉଛନ୍ତି। ମଙ୍ଗଳବାର ଡହଡହ ଖରାରେ ହିତାଧିକାରୀମାନେ ଭତ୍ତା ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଅପେକ୍ଷା କରି ଶେଷରେ ନିରାଶରେ ଫେରିଛନ୍ତି। ଆଜି ଏହି ଗାଁରୁ ଉକଶୀ ନାଏକ, ନନ୍ଦିଆ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଭକ୍ତା, କୁଞ୍ଜ ଭକ୍ତା ଏବଂ ମହେଶ୍ୱର ମହାନ୍ତ ବହୁ ସମୟ ଧରି ଭତ୍ତା ପାଇଁ ଅପେକ୍ଷା କରିଥିଲେ। ତେବେ ମହେଶ୍ୱର ମହାନ୍ତଙ୍କ ଅଭିଯୋଗ ମୁତାବକ ସେମାନଙ୍କ ବୟସ ୮୦ ବର୍ଷ ପାର ହୋଇଥିବାବେଳେ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ତାଙ୍କର ନାମ ଅନ୍ତର୍ଭୁକ୍ତ। ହେଲେ ଚାରିମାସ ହେବ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାର ରାଶି କେନ୍ଦ୍ର ସରକାର ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଛନ୍ତି। ତାଙ୍କର ଶରୀର ଅସୁସ୍ଥତା ହେତୁ ଭତ୍ତା ପାଇ ପାରିନାହାନ୍ତି। ପ୍ରତ୍ୟେକ ମାସ କେମିତି ଭତ୍ତା ଟଙ୍କା ତାଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ଜୁଆଳିଭଙ୍ଗା ସରପଞ୍ଚ ସୁଶାନ୍ତ କୁମାର ସିଂ ହିତାଧିକାରୀଙ୍କୁ ନେଇ ସେକ୍ସନ ଅଧିକାରୀଙ୍କୁ ଦେଖା କରିବା ପରେ ଉକ୍ତ ବ୍ୟକ୍ତିଙ୍କ ଇନ୍ଦିରା ଗାନ୍ଧୀ ପେନସନ ପରିବର୍ତ୍ତେ ମଧୁବାବୁ ପେନସନରେ ଅନ୍ତର୍ଭୁକ୍ତ କରିବେ ବୋଲି କହିଥିଲେ। ଏନେଇ ଚିତ୍ରଡା ବ୍ୟାଙ୍କ ଅଫ ଇଣ୍ଡିଆର ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବାରୁ ଜୁଆଳିଭଙ୍ଗାରେ କର୍ମଚାରୀ ରହିଥିବାବେଳେ ମୋ ବ୍ୟାଙ୍କ ସେବା ସୁବିଧା ରହିଛି; କିନ୍ତୁ ମୋ ବ୍ୟାଙ୍କ ରୁମକୁ ବିଦ୍ୟୁତ ସଂଯୋଗ ନ ଥିବାରୁ କୌଣସି କାମ ହୋଇପାରୁନାହିଁ। ଏ ନେଇ ବିଡ଼ିଓଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ତେବେ ହିତାଧିକାରୀଙ୍କୁ ଅସୁବିଧା ତୁରନ୍ତ ସମାଧାନ କରାଯିବ ବୋଲି ବ୍ୟାଙ୍କ ମ୍ୟାନେଜର ସୁଜାତା ପୁଥାଳ କହିଛନ୍ତି।

## ଅର୍ଥ ଆତ୍ମସାତ୍ ନେଇ କର୍ମଚାରୀଙ୍କ ନାମରେ ମାମଲା

ବାରିପଦା, ୧୮ ।୬(ସମିସ): ଏକ ଘରୋଇ କାର୍ଯ୍ୟାଳୟର ଅର୍ଥ ଆତ୍ମସାତ୍ କରାଯାଇଥିବା ନେଇ ଜଣେ କର୍ମଚାରୀଙ୍କ ନାମରେ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ସୁନଗଡ଼ିଆ ଅଞ୍ଚଳର ଓଡିନେଟ ଜି ଫାଇବର ଅଫିସର ମ୍ୟାନେଜର ଉତ୍ତମ ମହଲ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ କାର୍ଯ୍ୟାଳୟରେ ରାକେଶ ଭୂୟାଁ ନାମକ ନାମକ ଜଣେ କର୍ମଚାରୀ ଉପଭୋକ୍ତାଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ତେବେ ଗତ ଜୁନ ୧୩ରୁ ଅଫିସକୁ ସେ ଆସୁନାହାଁନ୍ତି। ତେବେ ସେ ଅଫିସର ୨୩ ହଜାର ଟଙ୍କା, ମୋବାଇଲ, ଏଟିଏମ କାର୍ଡ ଆଦି ମିଶାଇ କମ୍ପାନୀର ୧ଲକ୍ଷ ଟଙ୍କା ଓ ଅଫିସର ୫୦ହଜାର ଟଙ୍କା ଆତ୍ମସାତ କରିଛନ୍ତି। ତାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଉ ନାହାନ୍ତି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସକାଳ THE SAKALA



### ନିର୍ବାଚନବେଳେ ଲୁଚିଗଲା ଉଦଳାର ମୁଖ୍ୟ ପ୍ରସଙ୍ଗ

# ପୌର ମାନ୍ୟତା ଓ ରେଳସେବା ମିଳିବ କେବେ

ଉଦଳା, ୧୮ ।୬(ସମିସ): ନିର୍ବାଚନ ଶେଷ ହୋଇଯାଇଛି। ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି। ତେବେ ଉଭୟ ଦଳ ଓଡ଼ିଶାର ବିକାଶକୁ ଆଗକୁ ନେବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢିଥିଲେ। ବିଜେଡି ନବୀନବାବୁ ଓ ଓଡ଼ିଶାର ବିକାଶକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା ବେଳେ ବିଜେପି ପରିବର୍ତ୍ତନ, ଡବଲ୍ ଇଞ୍ଜିନ, ଓଡିଆ ଅସ୍ମିତା ଆଦି ପ୍ରସଙ୍ଗକୁ ନେଇ ନିର୍ବାଚନୀ ବୈତରଣୀ ପାର ହୋଇଛି। ମୟୂରଭଞ୍ଜ ଜିଲ୍ଲାର ୯ଟିଯାକ ଆସନ ଏବଂ ଲୋକସଭା ବିଜେପି ହାତେଇଛି। ତେବେ ନିର୍ବାଚନରେ ରାଜ୍ୟ ଓ କେନ୍ଦ୍ରୀୟ ନେତାଙ୍କ ନିର୍ବାଚନୀ ପ୍ରସଙ୍ଗ ଏହି ଅଞ୍ଚଳରେ ଲୁଚିଯାଇଛି। ଏପରିକି ସ୍ଥାନୀୟ ଅଞ୍ଚଳର ବାସ୍ତବ ପ୍ରସଙ୍ଗ ଆଦୌ ନିର୍ବାଚନରେ ଆଲୋଚନା ବି ହୋଇନଥିଲା। ଏହାର ପ୍ରାସଙ୍ଗିକତା ଦେଖିବାକୁ ମିଳିଥିଲା ଉଦଳା ନିର୍ବାଚନ ମଣ୍ଡଳୀରେ। ଜିଲ୍ଲାର ସବୁଠାରୁ ଉଦଳା ବିଧାନସଭା କ୍ଷେତ୍ର ଅବହେଳିତି। ଅଞ୍ଚଳର ବହୁ ପ୍ରସଙ୍ଗ ଏଥର ନିର୍ବାଚନୀ ପ୍ରସଙ୍ଗ ହେବ ବୋଲି ଭୋଟର ମହଲରେ ପୂର୍ବରୁ ଆଲୋଚନା ଜୋର ଧରିଥିଲା; କିନ୍ତୁ ରାଜନୈତିକ ନେତାଙ୍କ ନାରା ତଳେ ଚାପି ହୋଇଯାଇଥିଲା ବାସ୍ତବ ପ୍ରସଙ୍ଗ। ଫଳରେ ଚଳିତ ନିର୍ବାଚନରେ ସ୍ଥାନୀୟ ନେତାଙ୍କ ପାଇଁ ଅଞ୍ଚଳର ସମସ୍ୟା ପ୍ରତିଶ୍ରୁତିବଦ୍ଧତାର ବାହାରେ ଥିଲା। କୌଣସି ଭୋଟର କିମ୍ବା ସଚେତନ ନାଗରିକ ସ୍ଥାନୀୟ ନେତୃମଣ୍ଡଳୀଙ୍କଠାରୁ ଏହି ପ୍ରସଙ୍ଗ ଉଠାଇବା ସୁଯୋଗର ପାଇ ନଥିଲେ। ଫଳରେ ନେତାଙ୍କ ପାଇଁ କିଛି ବି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଏହି ନିର୍ବାଚନ ମଣ୍ଡଳୀରେ ଏବେ ବି ଜଳସେଚନ ପାଇଁ ମେଗା ପ୍ରକଳ୍ପ ସୋନ ବ୍ୟାରେଜ କାର୍ଯ୍ୟକ୍ଷମ ପ୍ରସଙ୍ଗ ସବୁଠୁ ଅଧିକ ଆବଶ୍ୟକତା ରହିଛି। ଗତ ସରକାର ୩୭୦ କୋଟି ମଞ୍ଜୁର କରିଥିବା ବେଳେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଏହି ବ୍ୟାରେଜ ନିର୍ମାଣ ଏବର ସକରାରଙ୍କ ପାଇଁ ବଡ ଚାଲେଞ୍ଜ ରହିବ। ସେହିପରି ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ ସତ୍ତ୍ୱେ ନିର୍ମାଣ ଆରମ୍ଭ ନ ହୋଇ ପାରିବା ଏକ ବଡ ଚ୍ୟାଲେଞ୍ଜ ବୋଲି ନିଆଯାଇପାରେ। ଅପରପକ୍ଷରେ ଉଦଳା ସହରକୁ ଆଜିଯାଏ ପୌରପରିଷଦ ମାନ୍ୟତା ମିଳିଲା ନାହିଁ। ଏହିସବୁ ପ୍ରସଙ୍ଗ ଏବେ ଅଞ୍ଚଳବାସୀଙ୍କ ପାଇଁ ବହୁ ଆବଶ୍ୟକତା ରହିଛି। ଜିଲ୍ଲାର ୫୦ ବର୍ଷର ସହର ତାଲିକାରେ କେବଳ ଉଦଳା ରହିଛି। ଯିଏକି ପୌରପରିଷଦର ମାନ୍ୟତାରୁ ବଞ୍ଚିତ ହୋଇଛି। ସେହିପରି ସ୍ୱାଧୀନତା ପରେ ବି ଏହି ଉପଖଣ୍ଡକୁ ରେଳସେବା ମିଳିନାହିଁ। ଫଳରେ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଏହିସବୁ ଦାବି ଆଗାମୀ ଦିନରେ ସବୁଠାରୁ ବଡ ପ୍ରସଙ୍ଗ ହେବା ନିଶ୍ଚିତ। ଉଦଳା ଅଞ୍ଚଳରେ ବ୍ୟାପକ ପର୍ଯ୍ୟଟନର ସୁଯୋଗ ରହିଥିବା ବେଳେ ଏହା ଭବିଷ୍ୟତରେ ନିଯୁକ୍ତିର ମୁଖ୍ୟ ମାଧ୍ୟମ ହେବା ନିଶ୍ଚିତ କଥା। ଦେବକୁଣ୍ଡଠାରୁ ଆରମ୍ଭ କରି କାଳ ସୋନେଇ ଜଳଭଣ୍ଡାର ସମିବୃକ୍ଷ, ଟାଙ୍ଗରିଆ ଟାଙ୍ଗାରାଶୁଣି, ମାଛ କାନ୍ଦଣା, ଲୁଇପା ଆଦିର ବିକାଶ ଏବେ ମୁଖ୍ୟ ପ୍ରସଙ୍ଗ ହୋଇରହିଛି। ଉଦଳା ଅଞ୍ଚଳରେ ଏବେ ବି ୬୦ ପ୍ରତିଶତ ଜନସାଧାରଣ ଗରିବ ରେଖା ତଳେ କାଳତିପାତ କରୁଛନ୍ତି। ଉପାନ୍ତ ଅଞ୍ଚଳରେ ପିଇବା ପାଣିଠାରୁ ଆରମ୍ଭ କରି ବାସଗୃହ, ଦୁଇବେଳା ଖାଦ୍ୟ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଅବହେଳିତ ଅବସ୍ଥାରେ ରହିଛି।



**■ ନିର୍ବାଚନମଣ୍ଡଳୀର ମୌଳିକ ଦାବି ଉଠାଇବ କିଏ**



## ସୁବର୍ଣ୍ଣରେଖାରୁ ବେଆଇନ ବାଲି ଚାଲାଣ; ଟ୍ରାକ୍ଟର ଜବତ

ଜାମଶୋଳା, ୧୮ ।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଥିବା ସୁବର୍ଣ୍ଣରେଖା ନଦୀରୁ ବେଆଇନଭାବେ ଦୈନିକ ବାଲି ଚାଲାଣ ହେଉଛି। ଆଜି ଏକ ଟ୍ରାକ୍ଟର ବାଲି ବୋଝେଇ କରୁଥିବାବେଳେ ଖବର ପାଇ ଝାରପୋଖରିଆ ପୁଲିସ ଜବତ କରିବା ସହିତ ଚାଳକକୁ ଅଟକ ରଖିଛି। ପୁଲିସ ଏକ ମାମଲା ରୁଜୁକରି ଚାଳକକୁ କୋର୍ଟଚାଲାଣ କରାଯିବ ବୋଲି ଝାରପୋଖରିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସାରସକଣା ଅଞ୍ଚଳର ବହୁ ବାଲିଘାଟ ରହିଥିବାବେଳେ ଦୈନିକ ବେଆଇଭାବେ ଚାଲାଣ ହେଉଛି। ଫଳରେ ହିତାଧିକାରୀ ଚଢାଦରରେ ଘର ନିର୍ମାଣ କରିବା ସମ୍ଭବ ହେଉନି। ଏଠାରୁ ବାଲି ଝାରଖଣ୍ଡ ଓ ପଶ୍ଚିମବଙ୍ଗକୁ ଚୋରାରେ ଚାଲାଣ ହେଉଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି ଖଣିବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମେଘାଚ୍ଛନ୍ନ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ

ରାଇରଙ୍ଗପୁର, ୧୮ ।୬(ସମିସ): ଜାମଦା ଅଞ୍ଚଳର ମେଘାଚ୍ଛନ୍ନ ସାହିତ୍ୟ ସଂସଦ ପକ୍ଷରୁ ମେଘାଚ୍ଛନ୍ନ ସାହିତ୍ୟ ଇ-ପତ୍ରିକାର ଅଷ୍ଟମ ସଂଖ୍ୟା ପ୍ରକାଶ ପାଇଛି। ସମ୍ପାଦନ ମଣ୍ଡଳୀ ପରିବର୍ତ୍ତନ କରାଯାଇ ନୂତନ ସମ୍ପାଦନ ମଣ୍ଡଳୀ ଗଠନ କରାଯାଇଛି। ଏହି ସମ୍ପାଦନ ମଣ୍ଡଳୀରେ ମୁଖ୍ୟ ଉପଦେଷ୍ଟା ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ, ଉପଦେଷ୍ଟା ଭାବେ ଝାଡଖଣ୍ଡ ସ୍ଥିତ କୋଲ୍‌ହଣ ବିଶ୍ୱବିଦ୍ୟାଳୟର ଡ଼କ୍ଟର ହରିହର ପ୍ରଧାନ ଏବଂ ବରିଷ୍ଠ ଲେଖକ ଡମ୍ବରୁ ମହାନ୍ତ ଦାୟିତ୍ୱ ନେଇଥିବା ବେଳେ ସହସମ୍ପାଦକ ଭାବେ ତୁଷାରକାନ୍ତ ମହାନ୍ତ, ରବୀନ୍ଦ୍ର ପଟ୍ଟନାୟକ, ପ୍ରଶ୍ନ କୁମାର ଶତପଥୀ, ଝାଡଖଣ୍ଡର ସରୋଜ ପ୍ରଧାନ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ଉପସଭାପତି ଏବଂ ଲେଖିକା ରେଖାରାଣୀ ବାରିକ ପ୍ରମୁଖ ରହିଛନ୍ତି। ମେଘାଚ୍ଛନ୍ନର ଅଷ୍ଟମ ସଂଖ୍ୟାରେ ତାରାପ୍ରସାଦ ଜେନା, ପିଙ୍କୁନ ମାଝୀ, ମନୋରମା ସାହୁ, ଲବଦାନ ନାଏକ, ପ୍ରିୟାରାଣୀ ଦାସ, ଶର୍ମିଷ୍ଠା ତାରେଣିଆ, ସୁକାନ୍ତ ଖଣ୍ଡା, ଉତ୍କଣ୍ଠା ରାଉତ, ପ୍ରଶ୍ନ କୁମାର ଶତପଥୀ, ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବରିହା, ଜଗବନ୍ଧୁ ମହାନ୍ତ, ପ୍ରଜ୍ଞା ପରିମିତା ପ୍ରିୟଦର୍ଶିନୀ, ଙ୍ଗ ଗଙ୍ଗାଧର ମହାନ୍ତ ପ୍ରମୁଖ ୧୫ ଜଣ କବି ଓ କବୟିତ୍ରୀଙ୍କ କବିତା ପ୍ରକାଶିତ ହୋଇଛି।

## ପୁରୁଷୋତ୍ତମ ପଞ୍ଚାୟତରେ ରଜ ଉତ୍ସବ ଉଦ୍‌ଯାପିତ

ମୋରଡା/ରାସଗୋବିନ୍ଦପୁର, ୧୮ ।୬(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମ ପଞ୍ଚାୟତର ଚନ୍ଦନ ପଡ଼ିଆରେ ୩ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରଜପର୍ବରେ ବିଭିନ୍ନ ଗାଁର ଝିଅ, ବୋହୂ, କୁନି କୁନି ପିଲା ସଜବାଜ ହୋଇ ରଜଦୋଳି ଖେଳିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଭାଗବତ ଜୀଉ ଯୁଥ କ୍ଲବର ସମସ୍ତ ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ। ଏହି ଅବସରରେ କମିଟି ତରଫରୁ ରାଜପାନ ଏବଂ ପୋଡ଼ପିଠା ସହିତ ସୁଖାଦ୍ୟ ବଣ୍ଟନ କରିଥିଲେ। ଶେଷ ଦିନରେ ମହିଳାଙ୍କ ମଧ୍ୟରେ ଶଙ୍ଖଫୁଙ୍କା ଏବଂ କୁନି କୁନି ପିଲାମାନଙ୍କ ମଧ୍ୟରେ ପୁଚି ଓ ଝୋଟି ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା କ୍ଲବ ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ରାଧାମୋହନ ଘୋଷ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ ମହାନ୍ତି, ବରିଷ୍ଠ ସମାଜସେବୀ ମନୋରଞ୍ଜନ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଗିରି, କରୁଣାକର ଦାସ, ଅନୁଜ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅମିତ ଘୋଷ ମହାପାତ୍ର, ହରିଶଙ୍କର ମହାନ୍ତି, ଶାନ୍ତନୁ ଦାସ, ଜଗଦୀଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୋଚିଲାଖୁଣ୍ଟା ରଜ ମହୋତ୍ସବ ଉଦ୍‌ଯାପିତ



ବଡସାହି, ୧୮ ।୬(ସମିସ): ବଡ଼ସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ଗ୍ରାମ ମା' ମଙ୍ଗଳା ମନ୍ଦିର ପରିସରରେ ୩ ଦିନ ଧରି ଚାଲିଥିବା ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରତିକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୪୦ଟି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବରେ ଏଥିରେ ଝିଅ ବୋହୂମାନେ ବେଶୀ ପରିମାଣରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ୧୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅତିଥି ଭାବରେ ରାଜକିଶୋର ବେହେରା, ସୁଭାକାର ସେଠୀ, ରତିକାନ୍ତ ବେହେରା, ଭବେଶ ଚନ୍ଦ୍ର ସାହୁ, ଭଗବାନ ବେହେରା, ସରପଞ୍ଚ ତଅପୋଇ ସିଂ, ପୂର୍ବତନ ସରପଞ୍ଚ, ନରେନ୍ଦ୍ର ସିଂ ପ୍ରମୁଖ ପୁରସ୍କୃତ କରିଥିଲେ। ସେହିପରି କିଛି ବ୍ୟକ୍ତିବିଶେଷଙ୍କୁ ମାଆ ମଙ୍ଗଳା 'ରଜ ମଉଜ' ମଞ୍ଚରେ କମିଟି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। କାଞ୍ଚନ କୁମାର ପ୍ରଧାନ, ଉପାଧ୍ୟକ୍ଷ ବଡ଼ସାହି ବ୍ଲକଙ୍କୁ 'ହିଙ୍ଗୁଳା ପୁତ୍ର' ଓ ସନ୍ତୋଷ କୁମାର ମହାନ୍ତିଙ୍କୁ 'ବୃକ୍ଷ ପିତା' ଏବଂ ଡ଼. ରମାକାନ୍ତ ମହାନ୍ତ ଙ୍କୁ 'ବୃକ୍ଷ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪ର ରଜରାଣୀ ମୁକୁଟ ପିନ୍ଧିଛନ୍ତି କୁମାରୀ ଲକ୍ଷ୍ମୀପ୍ରିୟା ସିଂହ। କାର୍ଯ୍ୟକ୍ରମରେ ରମାକାନ୍ତ ବେହେରା, ସଞ୍ଜୟ ବେହେରା, ମୁକ୍ତିକ୍ରିଷନ୍ ବେହେରା, ସୁରଜ ବେହେରା, ସୁବ୍ରତ ବେହେରା, ସାଗର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଖେଳର ସମସ୍ତ ପୁରସ୍କାର ଶ୍ରୀକୃଷ୍ଣ ବେହେରା ଏବଂ ନାଚ ଗୀତର ସମସ୍ତ ପୁରସ୍କାର ଶିକ୍ଷକ ଗଣେଶ ବେହେରା ପ୍ରଦାନ କରିଥିଲେ।

## ଦୁଇବର୍ଷ ହେଲା ରାଇରଙ୍ଗପୁର ଏଏସ୍‌ପି ପଦ ଖାଲି

ରାଇରଙ୍ଗପୁର, ୧୮ ।୬(ସମିସ): ପୌର ପରିଷଦ ଅଞ୍ଚଳ ମହୁଲଡିହା ଠାରେ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀଙ୍କ କାର୍ଯ୍ୟାଳୟ ପାଇଁ ନୂତନ ଗୃହ ନିର୍ମାଣ ହୋଇ ଉଦଘାଟିତ ହୋଇଛି। କିନ୍ତୁ ନୂତନ ଗୃହଟି ଏକ ବର୍ଷ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। କାରଣ ଦୀର୍ଘ ସମୟ ହେଲା ରାଇରଙ୍ଗପୁରରେ ଏଏସ୍‌ପି ପଦବୀ ଖାଲି ପଡ଼ିଛି। ଏପର୍ଯ୍ୟନ୍ତ କାହାକୁ ନିଯୁକ୍ତି ମିଳିନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଇରଙ୍ଗପୁର ଏଏସ୍‌ପି ଭାବରେ ମନୋରଞ୍ଜନ ବିଶ୍ୱାଳ ଗତ ୨୦୨୨ ମସିହା ଜୁଲାଇ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡ଼ିଛି। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଅଧୀନରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ରହିଛି। ରାଇରଙ୍ଗପୁର ଅଞ୍ଚଳରେ ୭ଟି ଥାନା ଓ ୪ଟି ଫାଣ୍ଡି ରହିଛି। ସେହିପରି କରଞ୍ଜିଆ ଉପଖଣ୍ଡରେ ୬ଟି ଥାନା ଓ ୨ଟି ଫାଣ୍ଡି ରହିଛି। ଏଥିସହିତ ଜିଲ୍ଲାର କିଛି ଥାନାର ସୀମା ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗି ରହିଛି। ଉକ୍ତ ଥାନା ଅଞ୍ଚଳ ଗୁଡିକ ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗି ଥିବାରୁ ଅଧିକାଂଶ ସମୟରେ ଲୁଟ୍, ଛିନତାଇ, ହତ୍ୟା ଓ ଡକାୟତି ଭଳି ଅପରାଧିକ ଘଟଣା ଘଟୁଛି। ତେଣୁ ରାଇରଙ୍ଗପୁର ଏଏସପି ପଦବୀ ଶୀଘ୍ର ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟ ନିକଟରେ ମଦ ବିକ୍ରି; ଅଭିଭାବକ ମହଲରେ ଅସନ୍ତୋଷ

କରଞ୍ଜିଆ, ୧୮ ।୬(ସମିସ): ଆଉ ମାତ୍ର ଗୋଟିଏ ଦିନ ପରେ ସମସ୍ତ ବିଦ୍ୟାଳୟ ଖୋଲିବ; କିନ୍ତୁ କରଞ୍ଜିଆ ବ୍ଲକର ବଡଦେଉଳି ପଞ୍ଚାୟତ ଅନ୍ତର୍ଗତ ଭଆଁରା ଗ୍ରାମର ଅଭିଭାବକ ମହଲରେ ଭାଳେଣି ପଡ଼ିଯାଇଛି। କରଣ ବିଦ୍ୟାଳୟ ନିକଟରେ ରାତି ଦିନ ଦେଶୀ ମଦ ଖଲାଖୋଲି ଭାବେ ବିକ୍ରି ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡୁଛି। ଦୀର୍ଘ ଦିନ ଧରି ମଦ ମାଫିଆଙ୍କ ରାଜ ଚାଲିଥିବାରୁ ସେମାନଙ୍କ ବିରୋଧରେ କେହି ଅଭିଯୋଗ କରିବାକୁ ସାହସ ପାଉନାହାନ୍ତି। କେବଳ ବିଦ୍ୟାଳୟ ନୁହେଁ, ବଡଦେଉଳି ପଞ୍ଚାୟତର ଅନେକ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଫଳରେ ମଦ ପିଇ ବେପରୁଆଭାବେ ବାଇକ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଅନେକ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ମଦପିଇ ଅନେକ ଯୁବା ବୟସରୁ ରୋଗାକ୍ରାନ୍ତ ହୋଇ ମରୁଥିବା ଦେଖାଯାଉଛି। ପାରିବାରିକ ଅଶାନ୍ତ ମଧ୍ୟ ହେଉଛି। ନିକଟରେ ଭଆଁରା ଗ୍ରାମର ମହିଳାମାନଙ୍କ ଦ୍ୱାରା ଗଠନ କରାଯାଇଥିବା ନିର୍ଭୟା କ୍ଲବର ସଦସ୍ୟାମାନେ ମଦ ମୁକ୍ତ ଗ୍ରାମ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ବିଦ୍ୟାଳୟ ନିକଟରୁ ମଦ ବିକ୍ରି ବନ୍ଦ ପାଇଁ ଦାବି ହେଉଛି।

## ଅପହୃତା ନାବାଳିକା ଉଦ୍ଧାର

ବାରିପଦା, ୧୮ ।୬(ସମିସ): ବାରିପଦା ସଦର ଥାନା ପୁଲିସ ଦ୍ୱାରା ଜଣେ ଅପହୃତା ନାବାଳିକାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଅପହରଣ ହୋଇଥିବାର ନେଇ ସଦର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଛି। ଡାକ୍ତରୀ ମାଇନା କରିବା ପରେ ନାବାଳିକାକୁ ସୁଧାର ଗୃହକୁ ପଠାଯାଇଥିବାର ପୁଲିସ ସୂଚନା ଦେଇଛି।

## ଚିତ୍ରେଶ୍ୱରୀ ସାହିତ୍ୟ ସଂସଦର ରଜ ସାହିତ୍ୟ ଆସର

ମୋରଡା, ୧୮ ।୬(ସମିସ): ଓଡ଼ିଶାର ବିଭିନ୍ନ ପର୍ବ ମାନଙ୍କ ମଧ୍ୟରୁ ରଜପର୍ବକୁ ଓଡ଼ିଶାର ପାରମ୍ପରିକ ଗଣପର୍ବ ବୋଲି କୁହାଯାଏ। ବସୁଧା, ପ୍ରକୃତି ମାତା ପୂଜା କରିବାର ମାହାର୍ଘ୍ୟ ପରମ୍ପରା ରଜ, କୃଷିଭିତ୍ତିକ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଞ୍ଜନ ପର୍ବ ରଜ। ମୋରଡା ବ୍ଲକ ଅଧୀନ ଚିତ୍ରଡାରେ ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସୋମବାର ସଭାପତି ନରେନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟ ଆସରକୁ ଉଦଘାଟନ କରିଥିଲେ। ସଂସଦର ସମ୍ପାଦକ ଅଜୟ କୁମାର ପାଳ ହଜି ଯାଉଥିବା ରଜ ପର୍ବର ପରମ୍ପରା ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଦେବେନ୍ଦ୍ର କୁମାର ବେହେରା ରଜ ଏକ କୃଷି ଭିତ୍ତିକ ପର୍ବ କହିବା ସହିତ ଏହାର ତତ୍ତ୍ୱଭିତ୍ତିକ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ପ୍ରିୟମ୍ବଦା ବେହେରା, ଅବସରପ୍ରାପ୍ତ ଶିକ୍ଷକ କ୍ଷିରୋଦଚନ୍ଦ୍ର ମହାନ୍ତ, ବରେନ୍ଦ୍ର କୁମାର ଦାସ, ଭାଗବତ ବାରିକ କବିତା ପାଠ କରିଥିଲେ। ଶେଷରେ ସମସ୍ତେ ପରସ୍ପରକୁ ରଜ ପାନ ଖୁଆଇ ଆତ୍ମୀୟତା ବନ୍ଧନ ସୃଷ୍ଟି କରିଥିଲେ। ସର୍ବଶେଷରେ ଅଶ୍ୱିନୀ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



## ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ମକଡ୍ରିଲ



ମୋରଡ଼ା, ୧୮ ।୬(ସମିସ): ମୋରଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନରେ ମଙ୍ଗଳବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଅଣାକାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ଉତ୍ତମ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଝରଣା ମୁର୍ମୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହାମ୍ବିରା ମୁର୍ମୁ, ଅଗ୍ନିଶମ କର୍ମଚାରୀ ଜ୍ୟୋତିରଞ୍ଜନ ଜେନା, କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକାରୀ ଜିତେନ ସିଂ, ଭାଇସ ଚେୟାରମ୍ୟାନ ଜେମାମଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପାଣିପାଗ ପରିବର୍ତ୍ତନ ସହିତ ସମୁଦ୍ର ଉତାପରେ ତାରତମ୍ୟ ରହୁନାହିଁ। ଫଳରେ ୩ଟି ଋତୁକୁ ଆମେ ଆଉ ଅନୁଭବ କରିପାରୁନାହୁଁ। ତେଣୁ ବିପର୍ଯ୍ୟୟ ପୂର୍ବରୁ ଲୋକଙ୍କୁ କିପରି ଉଦ୍ଧାର ସହିତ ଥଇଥାନ କରିହେବ ସେ ନେଇ ବିଡିଓ କହିଥିଲେ। ବିପର୍ଯ୍ୟୟ ସମୟରେ ଏବଂ ପରେ ସମସ୍ତେ ସଜାଗ ହୋଇ ରହିବା ସହିତ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଚିତ୍ରଡା ଅଗ୍ନିଶମ ବିଭାଗ ପାଖରେ ବିଭିନ୍ନ ସାମଗ୍ରୀ ରହିଛି। ଫଳରେ ବିପର୍ଯ୍ୟୟର ଠିକ୍‌ଭାବେ ମୁକାବିଲା କରିପାରିବା ବୋଲି ଜ୍ୟୋତିରଞ୍ଜନ ଜେନା ପ୍ରକାଶ କରିଥିଲେ। କାଳବୈଶାଖୀ, ଭୂମିକମ୍ପ, ବାତ୍ୟା ହେବା ସବୁବେଳେ ସମ୍ଭାବନା ରହିଥାଏ। ତେଣୁ ସମସ୍ତେ ଏକ ହୋଇ ଲଢ଼ିଲେ ସମସ୍ତ ପ୍ରକାର ଦୁର୍ବିପାକକୁ ସାମ୍ନା କରିପାରିବା ଏବଂ ବାତ୍ୟା ଆଶ୍ରୟସ୍ଥଳୀ କିପରି ବ୍ଲକ ସାରା ସମସ୍ତ ପଞ୍ଚାୟତରେ ଶୀଘ୍ର ହୋଇପାରିବ ସେ ନେଇ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକାରୀ ଜିତେନ ସିଂ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବସୁନ୍ଧରା ଫାଉଣ୍ଡେସନର ରଜ ଉତ୍ସବ ପାଳିତ



ବାରିପଦା, ୧୮ ।୬(ସମିସ): ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାଘରାରୋଡ ସ୍ଥିତ ବସୁନ୍ଧରା ଅଭିନବ ଉପାୟରେ ରଜ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ୩୦ ଜଣ ଅନାଥ ପିଲାଙ୍କୁ ନେଇ ରଜ ଉତ୍ସବ ପାଳିତ ହୋଇଥିବା ବେଳେ ସମସ୍ତଙ୍କୁ ଚାରା ବଣ୍ଟନ କରାଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୁତି ରାଉତରାୟଙ୍କ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ପ୍ରତିଦିନ ବୃକ୍ଷ କଟିବା ଯୋଗୁଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଫଳରେ ଜଳବାୟୁ ପରିବର୍ତ୍ତନ ହୋଇ ପ୍ରତିଦିନ ତାପମାତ୍ରାର ପାରଦ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କୁନିକୁନି ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିନବ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ତାରାମଣି ମହାପାତ୍ର, ଜଲ୍ଲି ପଟ୍ଟନାୟକ, ଦିପ୍ତୀ ଦାସ, ସୁଭଦ୍ରା ପରିଡ଼ା, ମଧୁସ୍ମିତା ଚୌଧୁରୀ ଏବଂ ଓ.ଆର.ଡି.ର ସାଇପ୍ରକାଶ ମହାନ୍ତି ଓ ଦୀପକ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଖଡ଼ିଆ ସମ୍ପ୍ରଦାୟର ନିଆରା ପରମ୍ପରା 'ଘିନିପାଳାନ୍'

# ବାଦୀଗୀତ ହାରଜିତ୍‌ରେ ବାଛନ୍ତି ଜୀବନସାଥୀ

ବେତନଟୀ, ୧୮ ।୬(ସମିସ): ଓଡିଆମାନଙ୍କ ବାରମାସରେ ତେରପର୍ବ ଭଳି ଓଡ଼ିଶାରେ ବସବାସ କରୁଥିବା ଭିନ୍ନଭିନ୍ନ ଜାତି ଏବଂ ଜନଜାତିଙ୍କ ପର୍ବପର୍ବାଣି ସହିତ ଜଡିତ ରହିଛି ନିଆରା ପରମ୍ପରା; ଯାହାକୁ ନେଇ ସମ୍ପୃକ୍ତ ଜାତିର ରହିଥାଏ ସ୍ୱତନ୍ତ୍ର ପରିଚୟ ସାଙ୍ଗକୁ ଚାଲିଚଳନ ଓ ସଂସ୍କୃତି। ସେହିଭଳି ଓଡ଼ିଶାରେ ବସବାସ କରୁଥିବା ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟ ପକ୍ଷରୁ ରଜସଂକ୍ରାନ୍ତି ଅବସରରେ ପାଳନ କରାଯାଇଥାଏ 'ଘିନିପାଳାନ'। ଏହା ଏହି ସମ୍ପ୍ରଦାୟର ନିଆରା ପରମ୍ପରା। ଯେଉଁଥିରେ କେବଳ ଅବିବାହିତ ଯୁବକ/ଯୁବତୀ ଅଂଶଗ୍ରହଣ କରିଥାନ୍ତି। ଫଳରେ ଏହି ସମ୍ପ୍ରଦାୟର ଯୁବକମାନେ ଆଖପାଖ ଖଡିଆ ସମ୍ପ୍ରଦାୟ ବହୁଳ ଗାଁକୁ ଯାଇଥାନ୍ତି। ସେଠାରେ ବାଦୀଗୀତ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଆଉ ଏହି ବାଦୀଗୀତର ହାରଜିତରୁ ହିଁ ସେମାନେ ଚୟନ କରିଥାନ୍ତି ନିଜର ଜୀବନସାଥୀ। ପହିଲି ରଜରେ ସମସ୍ତେ ପିଠାପଣା ଖାଇ ଦୋଳିଖେଳ, ତାସ୍‌ଖେଳରେ ସମୟ ଅତିବାହିତ କରିଥାନ୍ତି। ଦ୍ୱିତୀୟ ଏବଂ ତୃତୀୟ ଦିନରେ ଖଡିଆ ସମ୍ପ୍ରଦାୟର ଅବିବାହିତ ଯୁବକମାନେ ଅନ୍ୟତ୍ର ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଗାଁକୁ ଯାଇଥାନ୍ତି। ଗାଁ ମୁଣ୍ଡରେ ରଜଦୋଳିର ବ୍ୟବସ୍ଥା ସାଙ୍ଗକୁ ବିବାହଯୋଗ୍ୟ ଯୁବତୀମାନେ ଏକତ୍ରିତ ହୋଇଥାନ୍ତି। ବାହାର ଗାଁରୁ ଆସିଥିବା ଅବିବାହିତ ଯୁବକମାନଙ୍କ ସହିତ ସେଠାରେ ପୂର୍ବରୁ ଏକତ୍ରିତ ହୋଇଥିବା ଯୁବତୀଙ୍କ ମଧ୍ୟରେ ବାଦୀଗୀତର ପ୍ରତିଯୋଗିତା ଆରମ୍ଭ ହୋଇଥାଏ। ବାଦୀଗୀତରେ ଯିଏ ଯୁବତୀଙ୍କୁ ପରାସ୍ତ କରେ କିମ୍ବା ପ୍ରଭାବିତ କରିପାରେ ତାଙ୍କୁ ହିଁ ଯୁବତୀମାନେ ଜୀବନସାଥୀ ଭାବରେ ଚୟନ କରିଥାନ୍ତି। ରଜପର୍ବରେ ବାଦୀଗୀତରୁ ଜୀବନସାଥୀ ବାଛିବାର ପ୍ରକ୍ରିୟା ଚୂଡାନ୍ତ ହେବାପରେ ପବିତ୍ର ରଥଯାତ୍ରାରୁ ବାହୁଡାଯାତ୍ରା ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଷ୍ଟେସନ ବଜାରସ୍ଥିତ ହାଟପଡ଼ିଆରେ ବିବାହ ପାଇଁ ଅବିବାହିତ ଯୁକ/ଯୁବତୀ ଏକତ୍ରିତ ହୋଇଥାନ୍ତି। ଜଗନ୍ନାଥଙ୍କୁ ସାକ୍ଷୀ ରଖି ବିବାହ କରିବା ସହିତ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ପୂର୍ବକ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି। ଯେଉ ବିବାହକୁ ଉଭୟ ପରିବାର ପକ୍ଷରୁ ସ୍ୱୀକୃତି ଦେଇଥାନ୍ତି। ଏହି ପରମ୍ପରା ଶହଶହ ବର୍ଷ ଧରି ଚାଲିଆସୁଛି। ତେଣୁ ନିଆରା ପରମ୍ପରାକୁ ସ୍ଥାନୀୟ ଭାଷାରେ 'ଘିନିପାଳାନ' ବୋଲି କୁହାଯାଇଥାଏ। ପ୍ରଶାସନ ପକ୍ଷରୁ ଶହଶହ ଯୁବକ/ଯୁବତୀଙ୍କ ଆଗମନକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସେମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ନଜିର ରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଖଡିଶୋଳ ଅଞ୍ଚଳର ଯୁବସମାଜସେବୀ ଡମ୍ବରୁଧର ମହାନ୍ତ ଦାବି ଜଣାଇଛନ୍ତି।



# ସିରିଗିଡ଼ାରେ ପାଗଳ କୁକୁର ଆତଙ୍କ; ଗୁରୁତର

**ତେଲକୋଇ,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସିରିଗିଡା ଗ୍ରାମରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। କୁକୁର କାମୁଡ଼ାରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭିମକାଣ୍ଡ ଗ୍ରାମର ଲଳିତ ପ୍ରଧାନ(୫୨) ଓ ସିରିଗିଡା ଗ୍ରାମର ଚେମେଣ୍ଟୁ ନାୟକ (୬୨)। ଉଭୟ ସିରିଗିଡା ସ୍ଥିତ ସମବାୟ ସମିତି କୁ ଧାନ ବିହନ କିଣିବାକୁ ଆସିଥିବା ବେଳେ ପାଗଳ କୁକୁର କାମୁଡ଼ାରେ ଶିକାର ହୋଇଥିଲେ। ସଙ୍ଗେ ସଙ୍ଗେ ଉଭୟଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କାଯାଇଥିଲା ମାତ୍ର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର ହୋଇଛନ୍ତି। ପାଗଳ କୁକୁର ଆତଙ୍କ ଯୋଗୁଁ ଗ୍ରାମରେ କୁକୁଆ ଭୟ ସୃଷ୍ଟି ହୋଇଛି। ପ୍ରଶାସନ ପାଗଳ କୁକୁରକୁ କାବୁ କରି ପାରି ନାହିଁ।

# ଚେମେଣାରେ ରଜ ମହୋତ୍ସବ



**ତୁରୁମୁଙ୍ଗା,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ଗ୍ରାମର ଶୁଣ୍ଡିପଶି ସାହିରେ ଚଳିତ ବର୍ଷ ପ୍ରଥମ ବାର୍ଷିକ ରଜ ମହୋତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ମହୋତ୍ସବକୁ ଆଖପାଖ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକମରେ ବିଭିନ୍ନ ବର୍ଗର ପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା, ସାପ ଖେଳ, ଲୁଡୁଖେଳ, ଶଙ୍ଖଫୁଙ୍କା, ହୁଳ ହୁଳି, ଦୋଳି ଗୀତ, ନୃତ୍ୟ, ପୁଚି ଖେଳ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ସମସ୍ତ ପ୍ରତିଯୋଗୀ ଓ ଆୟୋଜକ କମିଟିକୁ ଉତ୍ସାହିତ କରିବା ସହ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ରମେଶ ନାଏକ, ପ୍ରତିମା ମହାନ୍ତ, ଭାନୁମତୀ ମହାନ୍ତ, ସଂଘମିତ୍ରା ନାୟକ, ବସୁମତୀ ନାୟକ, ଉର୍ମିଳା ତ୍ରିପାଠୀ, ନନ୍ଦିନୀ ପଣ୍ଡା, ପ୍ରିୟଦର୍ଶିନୀ ମହାନ୍ତ, ଉଗ୍ରସେନ ନାୟକ, ବିଶ୍ୱରଞ୍ଜନ ପତି, ଶ୍ରୀବିଦ୍ୟା ବାଟିକା ନିର୍ଦ୍ଦେଶକ ଅନିଲ ଚାଓ୍ୱଡା ପ୍ରମୂଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଦୁଇ ଜିଲ୍ଲାରେ ଆତଙ୍କ ଖେଳାଇଛନ୍ତି ୨୭ ଟିକିଆ ଝାରଖଣ୍ଡୀ ହାତୀପଲ



**ତୁରୁମୁଙ୍ଗା,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୩ ଦିନ ହେବ ୨୭ ଟିକିଆ ଝାରଖଣ୍ଡୀ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏହି ହାତୀପଲ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଆତଙ୍କ ଖେଳାଇଛନ୍ତି ଦିନ ବେଳା କରଞ୍ଜିଆ ରେଞ୍ଜର ବଡ଼ ଦେଉଳି ଜଙ୍ଗଲରେ ଡେରା ପକାଇଥିବା ବେଳେ ସନ୍ଧ୍ୟା ହେଲେ ପାଟଣା ରେଞ୍ଜର ସାହାରପଡା ସେକ୍ସନ ଅଞ୍ଚଳକୁ ପ୍ରବେଶ କରି କ୍ଷୟକ୍ଷତି କରୁଛନ୍ତି। ବିଳମ୍ବିତ ରାତିରେ ହାତୀପଲ ତୋଣ୍ଡ ଏବଂ ବାଲିତୁଟା ଅଞ୍ଚଳରେ ବଇତାଳୁ ଚାଷ ସହ ଧାନ ଚାଷ ମାଡି ଚକଟି ନଷ୍ଟ କରି ଦେଇଛନ୍ତି। ଏହି ହାତୀପଲରେ ୯ଟି ଦନ୍ତାହାତୀ ଥିବା ବେଳେ ୧୧ଟି ମାଈ ହାତୀ ଏବଂ ୭ଟି ଛୁଆ ହାତୀ ରହିଛନ୍ତି। ଏବେ ହାତୀପଲ ନିକଟରେ ଘୁରି ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ସଚେତନ କରାଇବା ସହ ହାତୀପଲଙ୍କ ଗତି ବିଧି ଉପରେ ନଜର ରଖିଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀକୁ କ୍ଷତିପୂରଣ ଯୋଗାଇଦେବାକୁ ଚାଷୀ ଦାବି କରିଛନ୍ତି।

# ଟ୍ରକ୍ ଧକ୍କାରେ ଯୁବକ ମୃତ



**ଉଖୁଣ୍ଡା/ଝୁମ୍ପୁରା,୧୮।୬(ସମିସ):** ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ଗଣ୍ଡବରେଇ ନାଳ ନିକଟରେ ଟ୍ରକ୍ ଓ ବାଇକ୍ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବାରିଆ ଥାନା ଅନ୍ତର୍ଗତ ରାଣୀପୁର ଗ୍ରାମର ଭଗବାନ ଗିରି(୩୭) ଉଖୁଣ୍ଡାକୁ ଘରୋଇ କାର୍ଯ୍ୟ ନେଇ ଯାଇଥିଲେ। କାମସାରି ଘରକୁ ଫେରୁଥିବା ସମୟରେ ଗଣ୍ଡବରେଇ ନାଳ ନିକଟରେ ଟ୍ରକ୍ ସହିତ ବାଇକ୍ ଧକ୍କା ହୋଇଥିଲା। ଭଗବାନ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୁର୍ଘଟଣା ସ୍ଥଳରୁ ଟ୍ରକ୍‌କୁ ଛାଡି ଡ୍ରାଇଭର ଓ ସହଯୋଗୀ ଫେରାର ହୋଇଯାଇଛନ୍ତି। ବାରିଆ ପୁଲିସ ତରଫରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ବାଇକ୍‌କୁ ଜବତ କରିବା ସହିତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ମିଳୁନି ଦେଶୀ ମାଛ | ଆନ୍ଧ୍ର ଓ କଲିକତା ମାଛ ଉପରେ ନିର୍ଭର

**ଚମ୍ପୁଆ,୧୮।୬(ସମିସ)**



ମାଛ ଚାଷ କରି ଚାଷୀ ସ୍ୱାବଲମ୍ବି ହେବା ନିମିତ୍ତ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଚାଷୀମାନଙ୍କୁ ଆନୁସଙ୍ଗିକ ସହଯୋଗ ଯୋଗାଇ ଦିଆଯାଉଥିଲେ ମଧ୍ୟ ବଜାରରେ ଦେଶୀ ମାଛର ଅଭାବ ସବୁବେଳେ ଲାଗି ରହିଛି। ଦେଶୀ ମାଛ ସ୍ଥାନ ପୂରଣ କରୁଛି ଆନ୍ଧ୍ର ଓ କଲିକତା ମାଛ। ଏହି ଚାଷ ପାଇଁ ଚମ୍ପୁଆ ବ୍ଲକ ତରଫରୁ ବିଭିନ୍ନ ସ୍ଥାନରେ ପୋଖରୀ ମାନ ଖୋଳାଯିବା ସହ ଜାଆଁଳ ଯୋଗାଇ ଦିଆଯାଉଛି ବୋଲି ମତ୍ସ୍ୟ ବିଭାଗ ଅଧିକାରୀ ଅଖିଳ ନାଏକ ସୂଚନା ଦେଇଥିବା ବେଳେ ବଜାରରେ ଦେଶୀ ମାଛର ଅଭାବ ମାଛ ଚାଷର ସଫଳତା ତଥା ବିଭାଗର ପାରିବା ପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୪ ଲକ୍ଷ ୪୦ ହଜାର ବ୍ୟୟ ଅଟକଳରେ ୧୪ଟି ପୋଖରୀ ଖୋଳାଯାଇଛି। ଏହି ପୋଖରୀର ମୂଲ୍ୟ ୪ ଲକ୍ଷ ୪୦ ହଜାର ଟଙ୍କା ସହିତ ସବ୍‌ସିଡି ବ୍ୟବସ୍ଥା ମଧ କରାଯାଇଛି। ଏଥି ସହିତ ୨୬ ଗୋଟି ସ୍ୱୟଂସହାୟକ ଗୋଷ୍ଠୀକୁ ମତ୍ସ୍ୟ ବିଭାଗ ପକ୍ଷରୁ ମାଛ ଚାଷ ପାଇଁ ସୁବିଧା ଯୋଗଇ ଦିଆଯାଇଛି। ଏହି ଚାଷୀମାନଙ୍କୁ ମୁସାଫୁରି (ପାଟଣା), ଝୁମ୍ପୁରା, ଦିଗବାନ (କେନ୍ଦୁଝର) ଜାଆଁଳ କେନ୍ଦ୍ର ସମେତ ବେସରକାରୀ ଜାଆଁଳ କେନ୍ଦ୍ର ସୁନାପୋଶି, ସିଜୁକଳା, ବାସୁଦେବପୁର, ରଙ୍ଗାମାଟିଆ ଆଦିରୁ ଜାଆଁଳ ଯୋଗାଇ ଦିଆଯାଉଛି। ଆବଶ୍ୟକ ଭିତିଭୂମିର ବିକାଶ କରାଯାଇଥିଲେ ମଧ୍ୟ ଦେଶୀ ମାଛଗ୍ରାହକଙ୍କ ଆବସ୍ୟକତା ପୁରଣ କରିପାରୁ ନାହିଁ। ଫଳରେ ଗ୍ରାହକ ମାନେ ଆନ୍ଦ୍ର ଓ ପଶ୍ଚିମବଙ୍ଗରୁ ଆସୁଥିବା ମାଛ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। କାଁଭାଁ କେତେବେଳେ ଝାଡଖଣ୍ଡ ଆଦି ଅଞ୍ଚଳରୁ ଦେଶୀ ମାଛ ବଜାରକୁ ଆସୁଥିଲେ ମଧ ତାହା ଯଥେଷ୍ଟ ହୋଇପାରୁନାହିଁ। ବେପାରୀମାନଙ୍କ କହିବା ଅନୁଯାୟୀ ଆନ୍ଧ୍ର ମାଛ କିସମ ଅନୁସାରେ କେଜି ପ୍ରତି ୧୪୦ରୁ ୧୬୦ ଟଙ୍କାରେ କିଣାଯାଇ ୧୮୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ମାତ୍ର ଦେଶୀ ମାଛର ଚାହିଦା ରହିଥିଲେ ମଧ ଦେଶୀ ମାଛ ଉପଲବ୍ଧ ହୋଇପାରୁନାହିଁ। ଏ ନେଇ ବିଭାଗୀୟ ଅଧିକାରୀ ଅଖିଳ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ମାଛ ଚାଷ ପାଇଁ ଆବସ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ସମୟ ଉପଯୋଗି ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିବା ବେଳେ ବଜାରରେ ଦେଶୀ ମାଛ ଉପଲବ୍ଧ ନହେବା ମାଛ ଚାଷର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅସହ୍ୟ ଗୁଳୁଗୁଳିରେ ବିଦ୍ୟୁତ କାଟ୍ ଯୋଗୁଁ ଅବସ୍ଥା କଳବଳ

**ଆନନ୍ଦପୁର,୧୮।୬(ସମିସ):** ଅସହ୍ୟ ଗରମ ଓ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତକାଟ୍ ଆନନ୍ଦପୁର ଉପଖଣ୍ଡ ଅଧିବାସୀଙ୍କୁ ବ୍ୟଥିତ କରିଛି। ଚଳିତ ବର୍ଷ ତାପମାତ୍ରା ୪୫ ଡିଗ୍ରୀକୁ ଟପିଥିବା ବେଳେ ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ ଲୋକମାନଙ୍କୁ ବିବ୍ରତ କରିଛି। ମଝିରେ ମଝିରେ ଯଦିଓ ବର୍ଷା ହେଉଛି ଓ ତାପମାତ୍ରା ହ୍ରାସ ପାଉଛି ହେଲେ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ ଲୋକମାନଙ୍କୁ ଅଣନିଃଶ୍ୱାସୀ କରିପକାଇଥିବା ବେଳେ ଦିନରେ ବାରମ୍ବାର ବିଦ୍ୟୁତ କାଟ ଅସହ୍ୟ ହୋଇପଡିଛି। ଚଳିତ ବର୍ଷ ଜିଲାରେ ତାପମାତ୍ରା ରେକର୍ଡ ଭାଙ୍ଗିଥିବା ବେଳେ ଦିନବେଳା ମରାମତି ନାମରେ ବିଦ୍ୟୁତ କାଟ ଅଂଶୁଘାତ ଭଳି ପରିସ୍ଥିତି ସୃଷ୍ଟି କରିଛି। ଦିନରାତି ବିଦ୍ୟୁତ ବିଭାଗର ଏଭଳି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ବିଶେଷ କରି ଏହି ଖରା ଦିନରେ ଘଣ୍ଟା ଘଣ୍ଟା ଧରି ଏଭଳି ଅଘୋଷିତ ବିଦ୍ୟୁତ କାଟ ଉପଭୋକ୍ତାଙ୍କୁ ବ୍ୟଥିତ କରିଛି। ବାରମ୍ବାର ଓ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ହେବା ଫଳରେ ଲୋକେ ପ୍ରବଳ ଗୁଳୁଗୁଳିରେ ଅଧିକ ହନ୍ତସନ୍ତ ହେଉଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ମଧ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବିଦ୍ୟୁତ କାଟ ବନ୍ଦ କରାନଗଲେ ଜନ ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକେ ସଜବାଜ ହେଉଥିବା ଜଣାଯାଇଛି। ଏଣୁ ଏଭଳି ଅବ୍ୟବସ୍ଥା ଜନିତ ବିଦ୍ୟୁତ ବ୍ୟବସ୍ଥାର ସୁଧାର ଆଣିବାକୁ ଜନ ସାଧାରଣର ଦୃଢ ଦାବି କରିଛନ୍ତି।

# ନିଆରା ରଜ ବାଟୁଆ ପରମ୍ପରା | ବରକନିଆଁକୁ ସାଥିରେ ନେଇ ରଜକୁ ଦିଆଗଲା ବିଦାୟୀ

**ରାମଚନ୍ଦ୍ରପୁର,୧୮।୬(ସମିସ):** ଓଡିଆଙ୍କ ଗଣପର୍ବ ରଜ। ଏଥି ପାଇଁ ସଜେଇ ହୋଇଥିଲା ପୂରା ଗାଁ ପରିବେଶ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତିରେ ରଜ ଉତ୍ସବ ପାଳନର ମଜା ନିଆରା। ଏଠାରେ ତିନି ଦିନ ଧରି ବଡ ଧୁମଧାମ୍‌ରେ ରଜ ମହୋତ୍ସବ ପାଳନ ପରେ ରଜ ବାଟୁଆ ବା ବିଦାୟୀ ଉତ୍ସବ ମନାଯାଇଥାଏ। କାହିଁ କେଉଁ କାଳରୁ ପିଢ଼ି ପରେ ପିଢ଼ି ଏହି ବିଦାୟୀ ଉତ୍ସବକୁ ଅତି ନିଷ୍ଠାର ସହ ପାଳନ କରି ଆସୁଛନ୍ତି। ସନ୍ଧ୍ୟାରେ ଗାଁ ମୁଣ୍ଡରେ ବାଜା ବାଣ ସହ ବର କନିଆଁ ଲୋକଙ୍କ ମେଳରେ ବାହାରିଥାନ୍ତି। ଗାଁ ଯୁବକ ମାନଙ୍କ ମଧ୍ୟରୁ ଜଣେ ବର ଆଉ ଜଣେ ବୋହୂ ବେଶରେ ସଜ୍ଜିତ ହୋଇ ସ୍ୱତନ୍ତ୍ର ପାଲିଙ୍କିରେ ବସି ନିଜ ବରଯାତ୍ରୀ ଓ ବନ୍ଧୁ ବାନ୍ଧବ ସହ ବାଜା ବାଣ ରୋଷଣୀରେ ଗ୍ରାମ ପରିକ୍ରମା କରିବା ସହ ବାରିକ। ବ୍ରାହ୍ମଣ ଜ୍ୟୋତିଷଙ୍କ ଉପସ୍ଥିତିରେ ଛକ ଛକରେ ରହି ହୋମ ଯଜ୍ଞରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଇବା ସହ ବୋହୁ ବିଦା ଭଳି ପରମ୍ପରା ଜାରି ରଖିଥିଲେ।



ମିଠା, ପିଠା ଫଳ ଭାର ଧରି ଗାଁ ପରିକ୍ରମା କରି ରଜକୁ ଅତି ଆନନ୍ଦ ଉଲ୍ଲାସରେ ବର୍ଷକ ପାଇଁ ବିଦାୟ ଦେଇଥିଲେ। ଏହି ପରମ୍ପରା ଗ୍ରାମରେ କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛ। ଏହି ଉତ୍ସବରେ ମହିଳା ପୁରୁଷ ସାମିଲ ହୋଇଥାନ୍ତି। ଏହି ଦ୍ୱାରା ଗାଁରେ ଭାଇଚାରା ଭାବ ସୃଷ୍ଟି କରିବା ସହ ନିଜ ନିଜ ମଧ୍ୟରେ ସୁସମ୍ପର୍କ ସ୍ଥାପନରେ ସହାୟକ ହୋଇଥାଏ ବୋଲି ଗାଁର ମୁରବୀ ମାନେ କହିଥାନ୍ତି। ରାଜନିତୀରୁ ଉର୍ଦ୍ଧରେ ରହି ଗ୍ରାମର ସବୁ ବର୍ଗର ଲୋକ ଏଥିରେ ସାମିଲ ହୋଇଥାନ୍ତି।

# ଡ.ନାରାୟଣ ସେନାପତିଙ୍କୁ ଶ୍ରେଷ୍ଠ ଓଡ଼ିଆ ସମ୍ମାନ

**ସୋସୋ, ୧୮।୬(ସମିସ):** ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାଗୃହରେ କଳ୍ପନା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦ ପକ୍ଷରୁ ଆୟୋଜିତ ୨୨ତମ ରଜ ମହୋତ୍ସବ ଅବସରରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଜମ୍ବରା ଗ୍ରାମର ବିଶିଷ୍ଟ ସାହିତ୍ୟିକ ତଥା ତେଲକୋଇ ବ୍ଲକର ସୁନାମଧନ୍ୟ ଶିକ୍ଷକ ଡ. ନାରାୟଣ ଚନ୍ଦ୍ର ସେନାପତିଙ୍କୁ ମିଳିଛି ଶ୍ରେଷ୍ଠ ଓଡିଆ ସମ୍ମାନ। ଡ. ଅଜୟ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଉପସ୍ଥିତ ଥିବାବେଳେ ଡ. ମୁରଲୀଧର ଦାଶ ମୁଖ୍ୟଅତିଥି, ଡ. ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା, ଡ. ଆନନ୍ଦା ପଟ୍ଟନାୟକ ସମ୍ମାନିତ ଅତିଥି, ଡ. ନାରାୟଣ ଚନ୍ଦ୍ର ସେନାପତି ବରେଣ୍ୟ ଅତିଥି ଓ ବିଜୟ ଲକ୍ଷ୍ମୀ ସାହୁ ବରେଣ୍ୟ ଅତିଥି ଭାବେ ମଞ୍ଚ ମଣ୍ଡନ କରିଥିଲେ। ଏଥିରେ ଡ. ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଶିକ୍ଷା, ସାହିତ୍ୟ ସଂସ୍କୃତିରେ ପାରଦର୍ଶିତା ପାଇଁ ଶ୍ରେଷ୍ଠ ଓଡିଆ ସମ୍ମାନ-୨୦୨୪ ସମ୍ମାନୀତ କରାଯାଇଛି।

# ଚନ୍ଦ୍ରଚୁଡ଼ ମହାଦେବ ମନ୍ଦିରରେ ରଜ ମହୋତ୍ସବ

**ତୁରୁମୁଙ୍ଗା,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚିଲିଦା ଠାରେ ରବିବାର ଶ୍ରୀଜଗନ୍ନାଥ ଯୁବକ ସଙ୍ଘ ପକ୍ଷରୁ ରଜ ମହୋତ୍ସବ ପାଳନ କରାଯାଇଛ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ସହ ୪୯ତମ ରଙ୍ଗମଞ୍ଚରେ ନାଟକ "ହଜିଗଲା ମୋ କାନର ଝୁମୁକା' ପରିବେଷଣ କରାଯାଇଥିଲା। ନାଟ୍ୟକାର ଅଜିତ କୁମାର ମହାନ୍ତ ଉଦ୍‌ଘାଟନ କରିବା ସହ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟ ପ୍ରମୁଖ ଭୂମିକାରେ ନିତ୍ୟାନନ୍ଦ, ନିରାକାର, ରାଜେଶ ,ହେମନ୍ତ, ମାନସ, ସାନୁ ଓ ରାଜୁ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ନାଟକ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ଉପସ୍ଥିତ ରହିଥିଲେ।

# ଆନନ୍ଦପୁର କଲେଜ ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଆନନ୍ଦପୁର,୧୮।୬(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ କରିବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ନାରାୟଣ ମିଶ୍ରଙ୍କ ସଂଯୋଜନାରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ନେଇ ଆଲୋଚନା କରାଯିବା ପରେ ଆସନ୍ତା ୨୧ ତାରିଖ ଦିନ ମହାବିଦ୍ୟାଳୟ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏଣୁ ଉକ୍ତ ପ୍ରସ୍ତୁତି ବୈଠକରେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ପୂର୍ବତନ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ବର୍ତ୍ତମାନର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀ ମିଶ୍ର ଜଣାଇଛନ୍ତି।

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



**ଚମ୍ପୁଆ,୧୮।୬(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ତ୍ରିଦିବସୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଉପସଭାପତି ସଦାନନ୍ଦ ଦେହୁରୀ, ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସଂକୁଳ ପ୍ରମୁଖ ପ୍ରଶାନ୍ତ କୁମାର ନନ୍ଦ, ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ସଦସ୍ୟା ପ୍ରଭାସିନୀ ନାଏକ, ସଦସ୍ୟା ମିନତି ମହାନ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟଶାଳାରେ ଶିଶୁ ପ୍ରାରମ୍ଭ ଠାରୁ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ୧୨୨ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟଶାଳାରେ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ। ଏଥିରେ ମୋଟ ୧୬ଟି କାଳାଂଶରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟସୂଚୀ ରହିଛି। ଏହି କାର୍ଯ୍ୟଶାଳାରେ ଚମ୍ପୁଆ ସଂକୁଳର ମୋଟ ୧୧ଟି ଶିଶୁମନ୍ଦିରର ଗୁରୁଜୀ ଗୁରୁମା' ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଅଧିକାରୀମାନେ ଜାତୀୟ ଶିକ୍ଷାନୀତି- ୨୦୨୦ ଆଧାରିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଶିକ୍ଷା ଓ ପ୍ରଚଳିତ ଶିକ୍ଷାନୀତି ଉପରେ ଆଲୋକପାତ କରିବା ସହିତ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷାର ମହାନ୍ ଦିଗ ଓ ଏହାର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଗନ୍ନାଥ ମନ୍ଦିରରେ ରୁକ୍ମିଣୀ ବିବାହ



**ଯୋଡା,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ପଶ୍ଚିମଯୋଡ଼ାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ରୁକ୍ମିଣୀ ବିବାହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମ୍ପନ୍ନ କରିଥିବା ପୁରୀ ମୁକ୍ତିମଣ୍ଡପର ପୂର୍ବତନ ସଭାପତି ପଣ୍ଡିତ ବିଶ୍ୱମ୍ବର ଦାସଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ସମୟରେ ମହାପ୍ରଭୁଙ୍କ ଦ୍ୱାରା ଫିଟା, ଭିତର ଶୋଧ, ମଙ୍ଗଳ ଆଳତୀ, ମଇଲମ୍ ଏବଂ ଅବକାଶ ସ୍ନାନ ବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ସକାଳ ଧୂପ, ଦ୍ୱିପ୍ରହର ଧୂପ, ଦିବା ପହଡ଼, ଦ୍ୱାର ଫିଟା, ପହଡ଼ ଆଳତୀ, କନ୍ୟାଚୋରି ନୀତି ପରେ ସନ୍ଧ୍ୟା ଆଳତୀ ଓ ବିବାହ କର୍ମ ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ଆଳତୀ ବନ୍ଦାପନା ପରେ ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁ ବଡ ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀଶ୍ରୀ ଜଗନ୍ନାଥ ସେବା ସମିତିର ସଭାପତି ଡାକ୍ତର ଅନୀଲ ଦାସ ପରିଚାଳନା କରିଥିଲେ।

# ବିଦ୍ୟୁତ୍ କାଟ୍ ଯୋଗୁ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣି ପାରିଲେନି ଚାଷୀ

**ଆନନ୍ଦପୁର,୧୮।୬(ସମିସ)**



ଘସିପୁରା କୃଷି ବିଭାଗର ଅଧିକାରୀମାନଙ୍କ ବେପରୁଆ ମନୋଭାବ ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଆୟୋଜିତ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଆନୁସଙ୍ଗିକ ଆୟୋଜନ କରିନଥିଲେ। ଫଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭାଷଣ ଚାଲିଥିବା ବେଳେ ବିଦ୍ୟୁତ କଟିଯିବାରୁ ଉପସ୍ଥିତ ଚାଷୀମାନେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବାରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ଜେନେରେଟର ରଖାଯାଇ ବିକଳ୍ପ ବ୍ୟବସ୍ଥା କରାଯାଇନଥିବାରୁ ଏପରି ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଅସହ୍ୟ ତାପମାତ୍ରା ସତ୍ତ୍ୱେ ଗୋଟିଏ କୋଠରିରେ ଉପସ୍ଥିତ ଥିବା ଚାଷୀମାନେ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡି କାର୍ଯ୍ୟକ୍ରମ ଅଧାରୁ ଉଠି ଚାଲିଯିବା ଘଟଣାରେ ଚାଷୀମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ପାଇଁ ଆଜି ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାର ଅର୍ଥରାଶି ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଘସିପୁରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ବିଭିନ୍ନ ଗ୍ରାମରୁ ଚାଷୀମାନେ ଯୋଗ ଦେଇଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ମାନସ କୁମାର ପ୍ରଧାନ ଏହି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଘସିପୁରା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଓ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମାନସ ରଞ୍ଜନ ସାମଲ, ତହସିଲଦାର ନୀଳକଣ୍ଠ ବେହେରା, ସହକାରୀ ଉଦ୍ୟାନ ଅଧିକାରୀ ଅର୍ଚ୍ଚନା ନାୟକ, ସହକାରୀ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ଭବାନୀ ଆଚାର୍ଯ୍ୟ, ପ୍ରାଣୀଧନ ଚିକିତ୍ସକ ଡ. ଶିବପ୍ରସାଦ ନାୟକ, ଘସିପୁରା ପଞ୍ଚାୟତ ସମିତି ଉପାଧକ୍ଷ ପଞ୍ଚାନନ ବେହେରା ଓ ଆମ୍ବାର ସଭାପତି ଅକ୍ଷୟ କୁମାର ସାହୁ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସମସ୍ତ ଚାଷୀମାନଙ୍କ ନିକଟରେ ପହଞ୍ଚାଇବାକୁ ଉପସ୍ଥିତ ଥିବା କୃଷକ ସାଥୀମାନଙ୍କୁ ପରାମର୍ଶ ଦେଇଥିଲେ।

# କଳାକାର ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ସୋସୋ,୧୮।୬(ସମିସ):** ହାଟଡିହି ବ୍ଲକର ମା' ବିଶ୍ୱତାରିଣୀ କଳାକାର ସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ସଭାପତି ଅଧିକାରୀ ନାୟକ, ଉପସଭାପତି ଦିବାକର ବାରିକ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ମିଶ୍ର, ସମ୍ପାଦକ ବିଦ୍ୟାଧର କବି, ପ୍ରମୋଦ ପଟ୍ଟନାୟକ, କାର୍ତ୍ତିକେଶ୍ୱର ଜେନା, ଲଛମନ ସା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ବିଧାୟକଙ୍କ ସହ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

ସକାଳ THE SAKALA



## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

# ସବୁ ବିଭାଗ ମଧ୍ୟରେ ସମନ୍ୱୟ ରହିବା ଉପରେ ଗୁରୁତ୍ୱ

କେନ୍ଦୁଝର,୧୮।୬(ସମିସ)



ଆଗାମୀ ବର୍ଷା ଋତୁ ପୂର୍ବରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ସଜାଗ ହୋଇରହିଥିବା ବେଳେ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କେନ୍ଦୁଝରଙ୍କ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଅଧ୍ୟକ୍ଷତା କରିଥିଲେ। ଆଇଏଏସ ପ୍ରୋବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଉପସ୍ଥିତ ଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜେ. କଳ୍ପନା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକ୍‌ବଲ୍ ସଭା ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଏନଡିଆର୍‌ଏଫ୍‌ର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ନିଜ ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଏବଂ ସେ ସମ୍ବନ୍ଧିତ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ବିପର୍ଯ୍ୟୟ ପୂର୍ବରୁ ପ୍ରାକ୍ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା, ଶୁଖିଲା ଖାଦ୍ୟ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା, ଶିଶୁ ଓ ମହିଳାଙ୍କୁ ବିଶେଷ ଧ୍ୟାନ ଦେବା, ପ୍ରାଣୀସମ୍ପଦର ସୁରକ୍ଷା ନେବା, ସ୍କୁଲ ଗୁଡିକକୁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯିବା, ସଂକ୍ରାମକ ରୋଗ ବ୍ୟାପିବାରୁ ଅଟକେଇବା ଲାଗି ପର୍ଯ୍ୟାପ୍ତ ଟିକା ଓ ଔଷଧ ମହଜୁଦ ରଖିବା, ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ବାଧାପ୍ରାପ୍ତ ବିଦ୍ୟୁତ ସରବରାହର ପୁନଃ ସ୍ଥାପନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସବିଶେଷ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧିକାରୀ ସମ୍ପଦ କୁମାର ଦଳାଇ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସବୁ ବିଭାଗ ନିଜ ନିଜ ଭିତରେ ସମନ୍ୱୟ ରଖି ଯେକୌଣସି ବିପର୍ଯ୍ୟୟର ଉଚିତ ମୁକାବିଲା କରି ଧନଜୀବନ ହାନି ହେବାରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟକି ଆସନ୍ତାକାଲି ଅଗ୍ନିଶମ ବିଭାଗ, ଏନଡିଆର୍‌ଏଫ୍ ଏବଂ ବିଭିନ୍ନ ବିଭାଗ ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନାର ମକ୍‌ଡ୍ରିଲ ଆୟୋଜିତ ହେବ। ଏଥିସହ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲିଟି ସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକାରୀଙ୍କ ମଧ୍ୟରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହେବ।

## ବନ୍ୟା ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ



**ହାଟଡ଼ିହୀ/ସୋସୋ,୧୮।୬(ସମିସ):** ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ମାନଙ୍କରେ ବର୍ଷାଦିନେ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବାରୁ ଏହାକୁ କିପରି ପ୍ରତିହତ କରିହେବ ସେନେଇ ସରକାରୀ ଭାବେ ପ୍ରତିବର୍ଷ ଜୁନ ମାସ ୧୯ ତାରିଖକୁ ପ୍ରାକୃତିକ ବିପର୍ଯ୍ୟୟ ଦିବସ ରୂପେ ପାଳନ କରାଯାଉଥିଲା ବେଳେ ଆଜି ହାଟଡ଼ିହୀ ବ୍ଲକ ପରିସରରେ ଥିବା ସଭାଗୃହରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗ ମଧ୍ୟରେ ପାନୀୟଜଳ, ପଶୁସମ୍ପଦ, କୃଷି, ମତ୍ସ୍ୟ, ବନବିଭାଗ ଓ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲା ବେଳେ ରାଜସ୍ୱ ଓ ବିଦ୍ୟୁତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ବିଭାଗରୁ କୌଣସି ଅଧିକାରୀ ନଆସିବାରୁ ବିଡ଼ିଓଙ୍କ ସମେତ ଉପସ୍ଥିତମାନେ କ୍ଷୋଭପ୍ରକାଶ କରିଥିଲେ। ତେବେ ଆସନ୍ତାକାଲି ସକାଳ ପ୍ରାୟ ୮ଘଟିକା ସମୟରେ ହାଟଡିହୀ ବ୍ଲକର ତିନିଗୋଟି ବନ୍ୟା ଆଶ୍ରୟସ୍ଥଳୀ ମଧ୍ୟରେ ଆଇଡିପୁର, ହାବଲେଶ୍ୱର ଓ ଆମ୍ବୋ ଠାରେ ପ୍ରାକୃତିକ ବିପର୍ଯ୍ୟୟ ବିଭାଗର ଉପରିସ୍ଥ ଅଧିକାରୀ ପ୍ରଦୀପ କୁମାରଙ୍କ ସମେତ ୧୮ଜଣ ଯବାନ ଏବଂ ରାପିଡ୍ ଫାୟାର ଟିମଙ୍କ ସହଯୋଗରେ ବ୍ଲକର ନୋଡାଲ ସ୍ୱେଚ୍ଛାସେବୀ ସଂଗଠନ ମା' ତାରିଣୀ ସେବା ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ତାହାର ମକ୍‌ଡ୍ରିଲ କରାଯିବ ବୋଲି ସୂଚନା ମିଳିଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ବ୍ଲକର ସମସ୍ତ କର୍ମଚାରୀ, ପିଇଓ ଓ ଡ଼ିଇଓମାନେ ଉପସ୍ଥିତ ଥିଲେ। ଶେଷରେ ପିଇଓ ଶରତ ଚନ୍ଦ୍ର ବେଜ ଧନ୍ୟବାଦ ଅର୍ପଣ କରି ସଭାସଙ୍ଗ କରିଥିଲେ।

## ପଞ୍ଚାୟତ ସମିତି ଓ ପୌରପାଳିକାସ୍ତରୀୟ ବୈଠକ

**ଯୋଡା,୧୮।୬(ସମିସ):** ଯୋଡା ପଞ୍ଚାୟତ ସମିତି ଓ ପୌରପାଳିକା ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ଏହାର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ସଭାଗୃହରେ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କ୍ଷତିଗ୍ରସ୍ଥ ଲୋକଙ୍କୁ ବନ୍ୟା ଆଶ୍ରୟସ୍ଥଳକୁ ଆଣି ଶୁଖିଲା ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ଦେବା ସହିତ ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ଯୋଡା ପଞ୍ଚାୟତ ସମିତି ସଭା ଗୃହରେ ପଞ୍ଚାୟତ ସ୍ଥରୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ



ଅନୁଷ୍ଠିତ ଏହି ସଭାବେ ବଡବିଲ ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ଦଳାଇ, ଯୋଡା ଅଗ୍ନିସମ ବିଭାଗର ମୁଖ୍ୟ ଦିଲିପ ବେହେରା, ଟାଟା ଷ୍ଟିଲ ସୁରକ୍ଷା କର୍ମଚାରୀଙ୍କ ମୁଖ୍ୟ ମହେନ୍ଦ୍ର ସିଂ ବାନରା ଓ ୱାଟକୋ କମ୍ପାନୀର ସହପରିଚାଳକ କହ୍ନେଇ ଟୁଡୁ, ଟାଟା ପାୱାର କମ୍ପାନୀର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଓ ଶିକ୍ଷକ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହା ସହିତ ଜନସାଧାରଣଙ୍କ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ରାସ୍ତାଘାଟ ସଫା ରଖିବା, ସହରର ଡ୍ରେନ ସଫା ରଖିବା, ବିଜୁଳି ସଂଯୋଗ ବିଚ୍ଛିନ୍ନ ହେଲେ ତୁରନ୍ତ ଏହାର ବିକଳ୍ପ ପନ୍ଥା ଗ୍ରହଣ କରିବା, ବୈଠକଟିକୁ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁ, ଅଗ୍ନିସମ ବିଭାଗର ମୁଖ୍ୟ ଦିଲିପ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜିବ ଏକ୍କାଙ୍କ ସହ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସମଗ୍ର ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ସୁଚାରୁ ପରିଚାଳନା କରି ପୂର୍ବରୁ ସମଗ୍ର ଦେଶରେ ଚର୍ଚ୍ଚିତ ହୋଇଆସିଥିଲା। ସରକାର ବଦଳିଥିଲେ ମଧ୍ୟ ଏହାକୁ କାୟମ ରଖିବା ପାଇଁ ଏହି ବୈଠକରେ ଅଧିକାରୀମାନଙ୍କୁ ତତ୍ପରତା ପ୍ରକାଶ କରିବାକୁ ସତର୍କ କରାଇଦିଆଯାଇଛି। ତେବେ ଆଗକୁ ବର୍ଷା ଦିନ ଆସୁଥିବାରୁ ଏଥିପାଇଁ ସମସ୍ତେ ସଜାଗ ହୋଇ ରହିବା ପାଇଁ ଏହି ବୈଠକରେ ସୂଚାଇ ଦିଆଯାଇଥିଲା।

## ନାବାଳକର ଆତ୍ମହତ୍ୟା ଅଭିଯୋଗ

ବାଲିବନ୍ଧ,୧୮।୬(ସମିସ): ଝୁମ୍ପୁରା ଥାନା ଅଞ୍ଚଳ ଖୁଣ୍ଟାପଡା ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ସୋମବାର ରାତିରେ ସେହି ଗ୍ରାମର ଜଣେ ନାବାଳକ ବେକରେ ଗାମୁଛା ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତ ନାବାଳକ ଜଣକ ହେଲେ ସେହି ଗ୍ରାମର ସୁରେନ୍ଦ୍ର ମୁଣ୍ଡାଙ୍କ ପୁଅ ବିଶାଲ ମୁଣ୍ଡା (୧୭)। ସୂଚନା ମୁତାବକ ସୋମବାର ସନ୍ଧ୍ୟା ସମୟରେ ବିଶାଲ ସାଙ୍ଗମାନଙ୍କ ସହିତ ଫୁଟବଲ ଖେଳି ଘରକୁ ଫେରିଥିଲା। ସନ୍ଧ୍ୟା ପାଖାପାଖି ୬.୩୦ ମିନିଟରେ ଭାଉଜ ପ୍ରମିଳା ମୁଣ୍ଡାଙ୍କୁ ଗାମୁଛା ମାଗିଲା ଏବଂ ମୁଁ ଝାଡା ଯାଉଛି କହି ଘରୁ ବାହାରିଥିଲା ବିଶାଲ। ଅନେକ ସମୟ ବିତିଯିବା ପରେ ମଧ୍ୟ ଘରକୁ ଫେରି ନଥିଲା ବିଶାଲ। ଫଳରେ ବଡ଼ ଭାଇ ଭଦ୍ର ମୁଣ୍ଡା ବନ୍ଧ, ପୋଖରୀ ଓ ସାହି ପଡିଶା ଚାରି ଆଡେ ଖୋଜା ଖୋଜି କରିଥିଲେ ମଧ୍ୟ ବିଶାଲକୁ ପାଇନଥିଲେ। ଶେଷରେ ଗାଁର ଖଇନାଳି ଛକ ନିକଟ ଏକ ଜାମୁ ଗଛ ଡାଳରେ ବେକରେ ଗାମୁଛା ଲଗାଇ ବିଶାଲ ଝୁଲୁଥିବା ଅବସ୍ଥା ର ବଡ଼ ଭାଇ ଭଦ୍ର ଦେଖିବାକୁ ପାଇ ଘର ଲୋକଙ୍କୁ ଖବର ଦେବା ସହିତ ପୁଲିସକୁ ମଧ୍ୟ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହିତ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ଶରତ ପଟ୍ଟନାୟକ ଓ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ



**ହାଟଡ଼ିହୀ,୧୮।୬(ସମିସ):** କେନ୍ଦୁଝର ଛାତ୍ର ଓ ଯୁବ କଂଗ୍ରେସ ନେତୃତ୍ୱରେ ହାଟଡ଼ିହୀ ଠାରେ ଆଜି ଅପରାହ୍ନ ସମୟରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ନିର୍ବାଚନ ସମୟରେ ଟିକଟ ବଣ୍ଟନରେ କରିଥିବା ଅନିୟମିତତାକୁ ତୀବ୍ର ବିରୋଧ କରିବା ସହିତ ଜାତୀୟ କଂଗ୍ରେସ ପାଇଁ ଦିନରାତି ଏକ କରି କାର୍ଯ୍ୟ ଦାୟିତ୍ୱ ତୁଲାଇଥିବା ଆସୁଥିବା ବରିଷ୍ଠ ନେତୃତ୍ୱ ଯିଏକି, ଯୁବଛାତ୍ରଙ୍କ ଆଦର୍ଶ ଭାବେ ପରିଗଣିତ ହେଉଥିବା ମାନସ ଚୌଧୁରୀଙ୍କୁ କଂଗ୍ରେସ ଦଳକୁ ପୁନର୍ବାର ସମ୍ମାନ ସହକାରେ ଫେରାଇ ଆଣିବା ପାଇଁ କେନ୍ଦୁଝର ହାଟଡିହୀ କଂଗ୍ରେସ ପକ୍ଷରୁ ଦାବି ହୋଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମାନସ ଚୌଧୁରୀଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିବାକୁ କେନ୍ଦୁଝର ହାଟଡିହୀ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ଦାବି ରଖାଯାଇଛି।

## ଚାଷୀଙ୍କ ଖାତାକୁ ଗଲା ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର କିସ୍ତି

# କେନ୍ଦୁଝର ଜିଲ୍ଲାର ଲକ୍ଷାଧିକ ଚାଷୀ ହେଲେ ଉପକୃତ



**କେନ୍ଦୁଝର,୧୮।୬(ସମିସ):** ଦେଶର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲା ପିଏମ୍ କିଷାନ ଟଙ୍କା। ବାରାଣସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ସପ୍ତଦଶ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି। ୧୭ତମ କିସ୍ତିରେ ଦେଶର ୯ କୋଟି ୨୬ ଲକ୍ଷ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ହିସାବରେ ପ୍ରାୟ ୨୦ ହଜାର କୋଟି ଟଙ୍କା ଡାଇରେକ୍ଟ ବ୍ୟାଙ୍କ ଟ୍ରାନସ୍ଫର ହୋଇଛି। କେନ୍ଦୁଝର ଜିଲ୍ଲାରେ ପ୍ରାୟ ଏକ ଲକ୍ଷ ସାତ ହଜାର ଚାଷୀ ମାନେ ଏହା ମାଧ୍ୟମରେ ଉପକୃତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଆଇଏଏସ୍ ପ୍ରବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଉପସ୍ଥିତ ଚାଷୀ ଭାଇଭଉଣୀ ଓ କୃଷି ସଖି ମାନଙ୍କ ସହ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡି ହୋଇଥିଲେ।

## ● ଦେଢ଼ ଲକ୍ଷ ଟଙ୍କାର କାମ ଦେଢ଼ ମାସ ଗଲାନି

# କ୍ଲାସ୍‌ରୁମ୍ ଛାତରୁ ଖସିଲା କଂକ୍ରିଟ୍



**ରାମଚନ୍ଦ୍ରପୁର,୧୮।୬(ସମିସ):** ଖରା ଛୁଟି ପରେ ଖୋଲିଲା ସ୍କୁଲ୍। ସ୍କୁଲ ଖୋଲିବାର ପ୍ରଥମ ଦିନରେ ଏକ ବଡ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଛାତ୍ରଛାତ୍ରୀ। କ୍ଲାସରୁମ୍ ଛାତରୁ କଂକ୍ରିଟ ଖସି ବିକ୍ଷିପ୍ତ ଅବସ୍ଥାରେ ପଡିଥିବା ଚିତ୍ର ସାମ୍ନାକୁ ଆସିଛି। ଯଦି କ୍ଲାସ୍ ଚାଲିଥିବା ସମୟରେ ଏଭଳି ଘଟଣା ଘଟିଥାନ୍ତା ତେବେ ପରିସ୍ଥିତି ଯେ କ'ଣ ହୋଇଥାନ୍ତା ତାକୁନେଇ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ। ଘସିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ରଙ୍ଗମାଟିଆ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ସ୍କୁଲ୍ ଖୋଲିବା କ୍ଷଣି ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ଚଳିତ ଗ୍ରୀଷ୍ମ ଛୁଟିରେ ଏହି ବିଦ୍ୟାଳୟ ଶ୍ରେଣୀ ଗୃହ ଗୁଡିକ ପଞ୍ଚାୟତିରାଜ ବିଭାଗ ତରଫରୁ ଟେଣ୍ଡର ମାଧ୍ୟମରେ ଦେଢ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ମରାମତି ହୋଇଥିଲା, ହେଲେ ନିମ୍ନମାନର କାମ ଯୋଗୁଁ ଦେଢ଼ ମାସବି ଗଲାନି। ଛାତରୁ ପ୍ଲାଷ୍ଟର ଖସି ପଡିବା ପରେ ଚାଲିଛି ଖୋଳତାଡ଼। ବ୍ଲକ ଶିକ୍ଷାଧିକାରୀ ପୂରା ଘଟଣାର ତଦନ୍ତ କରି ଉଚିତ୍ ପଦକ୍ଷେପ ନେବାକୁ ଅଭିଭାବକ ଏବଂ ବିଦ୍ୟାଳୟର ଚେୟାରମ୍ୟାନ ଦାବି କରିଛନ୍ତି।

## ଖିରେଇଟାଙ୍ଗିରୀ ରଜ ମହୋତ୍ସବ ଉଦ୍‌ଯାପିତ

# ପୁରସ୍କୃତ ହେଲେ କୃତୀ ଛାତ୍ରଛାତ୍ରୀ



**ତୁରୁମୁଙ୍ଗା,୧୮।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ଠାରେ ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗଣେଶ୍ୱର ନାଏକ, ରାଧାକାନ୍ତ ମହାନ୍ତ, ଦିନମଣୀ ମହାନ୍ତ, ଅଶୋକ ମହାନ୍ତ, ଖିରେଇଟାଙ୍ଗିରୀ ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୁଲତା ନାଏକ, ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନାରାୟଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଥିଲେ। ଏହି ଉତ୍ସବରେ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ୭୦ ପ୍ରତିଶତ ରଖିଥିବା ମନୋରଞ୍ଜନ ମହାନ୍ତ, +୨ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା, ୮୩ପ୍ରତିଶତ ଓମ୍‌ପ୍ରକାଶ ମହାନ୍ତ ଏବଂ +୩ରେ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ନମ୍ରତା ବେହେରା ସର୍ବାଧିକ ୮୭ ପ୍ରତିଶତ ନମ୍ବର ରଖି ଅଞ୍ଚଳ ତଥା ବିଶ୍ୱ ବିଦ୍ୟାଳୟରେ ଶୀର୍ଷ ସ୍ଥାନରେ ରହିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଦୋଳି ଗୀତ ସହିତ ଓଡିଶୀ ନୃତ୍ୟ ଓ ଆଧୁନିକ ଗୀତ ଓ ନୃତ୍ୟ ସବୁ ପ୍ରଦର୍ଶିତ ହୋଇଥିଲା କାର୍ଯ୍ୟକ୍ରମ ଶେଷରେ ଆବାହକ ପ୍ରହଲାଦ ମହାନ୍ତ ସମସ୍ତ ଅତିଥି ଗଣ, କଳାକାର ତଥା ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଢେଙ୍କା ଛୁଆଳିଆରୁ ହରିଣ ଉଦ୍ଧାର



**ହାଟଡ଼ିହୀ,୧୮।୬(ସମିସ):** ହଦଗଡ଼ ବନାଞ୍ଚଳ ଅନ୍ତର୍ଗତ ବଉଳା ଜଙ୍ଗଲରୁ ଏକ ହରିଣ ଆଜି ଦିନବେଳା ଢେଙ୍କା ଛୁଆଳିଆ ଗାଁ ଭିତରକୁ ପଶି ଆସିଥିଲା। ଗାଁର ବୁଲା କୁକୁରମାନେ ହରିଣକୁ ଦେଖି କାମୁଡ଼ି ଗୋଡ଼ାଇଥିଲେ। ଗ୍ରାମବାସୀ ଏହାକୁ ଦେଖି ହରିଣକୁ ସୁରକ୍ଷା ଦେବାକୁ ଯାଇ କୁକୁରଙ୍କ କବଳରୁ ହରିଣଟିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିବା ସହିତ ବନବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ ଓ କର୍ମଚାରୀ ପ୍ରହଲ୍ଲାଦ ଜେନା, ପରମାନନ୍ଦ ମୁଣ୍ଡା, ବାଞ୍ଛାନିଧି ଜାମୁଦେ, ପ୍ରଶାନ୍ତ କୁମର କେନା ପ୍ରମୁଖ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର ହୋଇଥିବା ଅକ୍ଷତ ହରିଣଟିକୁ ଗ୍ରାମବାସୀ ବନବିଭାଗକୁ ହସ୍ତାନ୍ତର କରିଛନ୍ତି।

## ପାରିବାରିକ କଳହର କରୁଣ ପରିଣତି

# କୀଟନାଶକ ପିଇ ଆତ୍ମହତ୍ୟା କଲେ ବୋହୂ

ତୁରୁମୁଙ୍ଗା,୧୮।୬(ସମିସ)

### ଶାଶୂ ଓ ଶ୍ୱଶୁରଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ମୃତକଙ୍କ ମାଆ।

ଯୌତୁକ ପାଇଁ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଶାଶୂଙ୍କ ସହ ଝଗଡ଼ା ପରେ କୀଟନାଶକ ପିଇ ଆତ୍ମହତ୍ୟା କରିଛି ବୋହୂ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ଥାନା ରସପଡ଼ା ଗ୍ରାମରେ। ମୃତକ ହେଲେ ଗ୍ରାମର ବୀରକିଶୋର ମହାନ୍ତଙ୍କ ପତ୍ନୀ ଲୀଳାବତୀ ମହାନ୍ତ। ତାଙ୍କ ସ୍ୱାମୀ ହାଇଦରାବାଦରେ ରହୁଥିବା ବେଳେ ଲୀଳାବତୀ ଦେଢ଼ ବର୍ଷର ଶିଶୁପୁତ୍ର ସହ ଶାଶୂଙ୍କ ପାଖରେ ରହୁଥିଲେ। ଆଜି ଅପରାହ୍ନରେ ଉଭୟ ଶାଶୂବୋହୂଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବା ପରେ ସବିତା ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାକୁ ଗୁରୁତର ଅବସ୍ଥାରେ ପାଟଣା ମେଡିକାଲରେ ଭର୍ତ୍ତୀ କରିଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲୀଳାବତୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଲୀଳାବତୀଙ୍କ ମାଆ ମନ୍ଦୋଦରୀ ମହାନ୍ତ ତାଙ୍କ ଝିଅଙ୍କୁ ଶାଶୂ କମଳା ମହାନ୍ତ ଓ ଶ୍ୱଶୁର ଦାମୋଦର ମହାନ୍ତ ଯୌତୁକ ନିର୍ଯାତନା ଦେବା ସହ ସବୁ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବାରୁ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ପାଟଣା ଥାନାରେ ଅଭିଯୋଗ କରିବା ସହ ଝିଅର ମୃତ୍ୟୁ ପାଇଁ ଶାଶୁ ଓ ଶ୍ୱଶୁରଙ୍କୁ ଦାୟୀ କରିଛନ୍ତି। ଅଭିଯୋଗ ପାଇବା ପରେ ପାଟଣା ପୁଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

